# Odisha Legislative Assembly

(ନବମ ଅଧିବେଶନ )

# ୩୦ ମାର୍ଚ୍ଚ ୨୦୨୨

----

**[କୃଷି ଓ କୃଷକ ସଶକ୍ତିକରଣ - ସମବାୟ - ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ - ବିଦ୍ୟାଳୟ ଓ ଗଣଶିକ୍ଷା - ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ - ଉଚ୍ଚ ଶିକ୍ଷା - ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ - ଶକ୍ତି ଶିଳ୍ପ ].**

**ମୋଟ ପ୍ରଶ୍ନର ସଂଖ୍ୟା - 156**

----

## କାର୍ଯ୍ୟରତ ଗୋମିତ୍ରମାନଙ୍କୁ Attendant ଭାବେ ନିଯୁକ୍ତି ଦେବା ପାଇଁ ବ୍ୟବସ୍ଥା

311 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः-ନୟାଗଡ ଜିଲ୍ଲାରେ ପଶୁ ସମ୍ପଦର ଚିକିତ୍ସା ପାଇଁ 22 ଜଣଙ୍କୁ ୬ ମାସ ପର୍ଯ୍ୟନ୍ତ ଟ୍ରେନିଂ ଦିଆଯାଇଥିଲା ଏବଂ ସେମାନେ ବିନା ବେତନରେ ସ୍ୱେଚ୍ଛାକୃତ ଭାବେ ନିଜ ନିଜ ପଞ୍ଚାୟତରେ ଗୋମିତ୍ର ହିସାବରେ କାର୍ଯ୍ୟ କରିଆସୁଥିଲେ, ସେମାନଙ୍କ ବିଷୟ ପ୍ରାୟ 45 ବର୍ଷ ହୋଇଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ଜଣେ ମାତ୍ର ଗୋମିତ୍ର ଆଟେଣ୍ଡାଣ୍ଟ ହିସାବରେ ନିଯୁକ୍ତି ପାଇଛନ୍ତି ଓ ଅନ୍ୟମାନେ ବିନା ଦରମାରେ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି, ନୟାଗଡ ଜିଲ୍ଲାରେ 11 ଗୋଟି S.C./S.T. ଏବଂ ୬ ଗୋଟି General ମିଶି 17 ଗୋଟି ଆଟେଣ୍ଡାଣ୍ଟ ପଦବୀ ଖାଲିଥିବାରୁ ଏବଂ S.C./S.T. ପାଇଁ ଉଦ୍ଦିଷ୍ଟ Quota ରେ କେହି ଦାବୀଦାର ନ ଥିବାରୁ S.C./S.T. ମାନଙ୍କ Quota କୁ De-reservation କରି ଦୀର୍ଘ 17 ବର୍ଷ ଧରି ବିନା ବେତନରେ କାର୍ଯ୍ୟରତ ଗୋମିତ୍ରମାନଙ୍କୁ Attendant ହିସାବରେ ପଞ୍ଚାୟତମାନଙ୍କରେ ନିଯୁକ୍ତି ଦେବା ପାଇଁ ବ୍ୟବସ୍ଥା କରିବେ କି ?

----

## ସୌରଶକ୍ତି ମାଧ୍ୟମରେ ବିଦ୍ୟୁତକରଣ

୩86 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ସରକାରୀ କାର୍ଯ୍ୟାଳୟ ଓ ସରକାରୀ ଶିକ୍ଷାନୁଷ୍ଠାନମାନଙ୍କରେ ସୌରଶକ୍ତି ମାଧ୍ୟମରେ ବିଦ୍ୟୁତ ଶକ୍ତି ଉତ୍ପାଦନ ଓ ବ୍ୟବହାର ପାଇଁ ସରକାର ନେଇଥିବା ନିଷ୍ପତ୍ତି କେତେ ଦୂର କାର୍ଯ୍ୟକାରୀ ହୋଇଛି କହିବେ କି?

----

## ଖରିଫ ଧାନ ବିକ୍ରି ପାଇଁ ପଞ୍ଜିକୃତ ଚାଷୀ

387 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- 2021-22 ଖରିଫ ଧାନ ସଂଗ୍ରହର ଅବଧି ବୃଦ୍ଧି କରିବା ପାଇଁ ସରକାର ବିଚାର କରୁଅଛନ୍ତି କି ; ଚଳିତ ଖରିଫ ଋତୁରେ ଧାନ ବିକ୍ରି କରିବା ପାଇଁ କେତେ ଚାଷୀ ପଞ୍ଜିକୃତ କରିଥିଲେ ; ତନ୍ମଧ୍ୟରୁ କେତେ ଚାଷୀ ମଣ୍ଡିରେ ଧାନ ବିକ୍ରି କରି ପାରିନାହାନ୍ତି ; ଏହା ଦ୍ୱାରା ରାଜ୍ୟର କେତେ ଚାଷୀଙ୍କ ଟୋକନ ଲାପସ ହୋଇଯାଇଛି ; ଲାପସ ହୋଇଥିବା ଟୋକନର ନବୀକରଣ ପାଇଁ ଜିଲ୍ଲାପାଳମାନେ କାରଣ ଦର୍ଶାଇ ଯୋଗାଣ ବିଭାଗକୁ ଅନୁରୋଧ କରିଛନ୍ତି କି ; ଏଥିପାଇଁ ବିଭାଗ ଗ୍ରହଣ କରିଥିବା ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେବେ କି ; ଏହା କଣ ସତ୍ୟ ମିଲର୍ସମାନେ ନଆସିବାରୁ ସେବା ସମବାୟ ସମିତି/ମହିଳା SSG ରୁ ଟାର୍ଗେଟ ପରିମାଣର ଧାନ ବିକ୍ରି ହେଲା ନାହିଁ ; ଧାନ ବିକି ପାରିନଥିବା ଚାଷୀ କିପରି ଧାନ ବିକ୍ରି କରିପାରିବ (ଯେଉଁ ଚାଷୀମାନେ ପଞ୍ଜିକୃତ ହୋଇ ଟୋକନ୍ ପାଇଛନ୍ତି) ସେଥିପାଇଁ ସରକାରଙ୍କର ପଦକ୍ଷେପ ସମ୍ପର୍କରେ ସୂଚନା ଦେବେ କି?

----

## କୃଷି ମାଧ୍ୟମରେ ଆତ୍ମନିଯୁକ୍ତି

388 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଳାହାଣ୍ଡି ଜିଲ୍ଲାରେ କୃଷି ମାଧ୍ୟମରେ ଶିକ୍ଷିତ ବେକାର ଯୁବକ ଯୁବତୀମାନଙ୍କୁ ଆତ୍ମନିଯୁକ୍ତିର ସୁଯୋଗ ସୃଷ୍ଟି ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଖାଲିଥିବା ଶିକ୍ଷକ ପଦବୀ ପୂରଣ

389 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଳାହାଣ୍ଡି ଜିଲ୍ଲାରେ ମାଧ୍ୟମିକ ଓ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ମଞ୍ଜୁରୀପ୍ରାପ୍ତ କେଉଁ ବର୍ଗର ଶିକ୍ଷକ ପଦବୀରୁ କେତେ ପଦବୀ ଖାଲି ଅଛି ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## କୃଷକଙ୍କ ଆୟ ଦ୍ୱିଗୁଣିତ ହେବା

390 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- 2022 ସୁଦ୍ଧା ରାଜ୍ୟର କୃଷକଙ୍କ ଆୟ ଦ୍ୱିଗୁଣିତ ହୋଇଛି କି ; ଯଦି ଉତ୍ତର ହଁ ତେବେ ଗତ 5 ବର୍ଷ ତଳେ କୃଷକଙ୍କ ମୁଣ୍ଡପିଛା ଓ ପରିବାରର ମାସିକ ତଥା ବାର୍ଷିକ ଆୟ କେତେ ଥିଲା ; ଏହି 5 ବର୍ଷରେ ତାହା କେତେ ଓ କେଉଁ ହାରରେ କିପରି ଭାବେ ବୃଦ୍ଧି ହୋଇଛି ; ଭୂମିହୀନ କୃଷକଙ୍କ ଠାରୁ ଆରମ୍ଭ କରି କ୍ଷୁଦ୍ର ଓ ମଧ୍ୟମ ବର୍ଗର କୃଷକଙ୍କ କ୍ଷେତ୍ରରେ ଏହା କେତେ ଥିଲା ଏବଂ କେତେକୁ ବୃଦ୍ଧି ପାଇଛି ; ଏହି ସମୟରେ କୃଷି କ୍ଷେତ୍ରର ବିଭିନ୍ନ ଉତ୍ପାଦନ ଜନିତ ଖର୍ଚ୍ଚ କେତେ ଏବଂ ଏହି ସମୟରେ ବିହାର, ଛତିଶଗଡ, ଝାଡଖଣ୍ଡ, ପଶ୍ଚିମବଙ୍ଗ, ଆନ୍ଧ୍ର ପ୍ରଦେଶ ଆଦି ରାଜ୍ୟର କୃଷକଙ୍କ ଆୟ ତୁଳନାରେ ଏହା କେତେ ତାର ବର୍ଷୱାରୀ ଓ କୃଷକଙ୍କ ବର୍ଗୱାରୀ କେତେ ସେସବୁର ତଥ୍ୟ ଦେବେ କି?

----

## କରୋନା ମହାମାରୀ ଯୋଗୁଁ ଶିକ୍ଷାରେ ବାଧାପ୍ରାପ୍ତ

୩୨୧ **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର)ː**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- କରୋନା ମହାମାରୀ ଯୋଗୁଁ ଦୁଇବର୍ଷ ଧରି ଶିକ୍ଷାନୁଷ୍ଠାନ ବନ୍ଦ ରହିବା ଫଳରେ ପ୍ରାଥମିକ ଠାରୁ ମାଧ୍ୟମିକ ଶିକ୍ଷା ଗୁରୁତର ପ୍ରଭାବିତ ହେବା ଯୋଗୁଁ ବିଭିନ୍ନ ବର୍ଗର ଛାତ୍ରଛାତ୍ରୀଙ୍କର ଲିଖନ, ପଠନ ଓ ଜ୍ଞାନ ଆହରଣ ସଂକ୍ରାନ୍ତ ଶୈକ୍ଷିକ କ୍ଷତି ନେଇ ସରକାର କୌଣସି ଆକଳନ, ଅନୁଧ୍ୟାନ କରିଛନ୍ତି କି ; ଯଦି ହଁ, ତେବେ ପ୍ରାଥମିକ ଠାରୁ ମାଧ୍ୟମିକ ଶିକ୍ଷା ପର୍ଯ୍ୟନ୍ତ ବିଭିନ୍ନ ବର୍ଗର ଛାତ୍ରଛାତ୍ରୀଙ୍କୁ ନେଇ ସେହି ଆକଳନ ରିପୋର୍ଟ ଉପସ୍ଥାପନ କରିବେ କି ; ରାଜ୍ୟର କେତେ ଛାତ୍ରଛାତ୍ରୀ କେତେ ଶିକ୍ଷାନୁଷ୍ଠାନ ଛାଡିଛନ୍ତି, ତାର ଜିଲ୍ଲାୱାରୀ ତଥ୍ୟ ଦେବେ କି ; ଯଦି କୌଣସି ଆକଳନ ହୋଇନାହିଁ, ତେବେ ଏହାକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରି ତୁରନ୍ତ ଅନୁଧ୍ୟାନ କରିବା ସହିତ ପ୍ରଭାବିତ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ବଜେଟରେ ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ବିଚାର କରୁଛନ୍ତି କି?

----

## ଟୋକନ ପାଇଁ ଧାନ ବିକ୍ରି କରି ପାରିନଥିବା ଚାଷୀ

୩୨୨ **ଶ୍ରୀ ଅମର ପ୍ରସାଦ ସତପଥୀ (ବରଚଣା)ː**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- (କ) ଧାନ ସଂଗ୍ରହ ପ୍ରକ୍ରିୟାରେ ରାଜ୍ୟର କେଉଁ କେଉଁ ଜିଲ୍ଲାର କେତେ ସଂଖ୍ୟକ ଚାଷୀ ଧାନ ବିକ୍ରୟ ପାଇଁ ଟୋକନ ପାଇଥିଲେ ହେଁ ଧାନ ବିକ୍ରି କରିପାରିନାହାନ୍ତି ଏହାର ତଥ୍ୟ ପ୍ରଦାନ କରିବେ କି ; (ଖ) ଏହି ପ୍ରକ୍ରିୟାରେ ବଞ୍ଚିତ ହୋଇଥିବା ଚାଷୀମାନଙ୍କ ପାଇଁ ସରକାରୀ ଆଭିମୁଖ୍ୟ କଣ ଓ ଏହି କ୍ଷତିର ଭରଣା ପାଇଁ ସରକାର ପଦକ୍ଷେପ ନେବେ କି?

----

## ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ଶ୍ରମବେତନ ଲାଗୁ କରିବା

୩୨୩ **ଶ୍ରୀ ଅମର ପ୍ରସାଦ ସତପଥୀ (ବରଚଣା)ː**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) 2021 ଡିସେମ୍ବର 31 ର କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ 2017 ଅନୁଦାନ ପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀଙ୍କ ପାଇଁ ସପ୍ତମବେତନ ଲାଗୁ କରାଯାଇଥିଲେହେଁ ଏହି ପ୍ରକ୍ରିୟାରୁ କେତେ ସଂଖ୍ୟକ ଅଧ୍ୟାପକ ଓ କର୍ମଚାରୀ ଅଦ୍ୟାବଧି ବଞ୍ଚିତ ହୋଇଛନ୍ତି, (ଖ) ଏହି ଶ୍ରେଣୀର ଅଧ୍ୟାପକ ଓ କର୍ମଚାରୀଙ୍କ ପାଇଁ ସପ୍ତମ ବେତନ ସୁବିଧା ଲାଗୁ କରିବା ପାଇଁ ସରକାର ତ୍ୱରିତ ପଦକ୍ଷେପ ନେବେ କି ?

----

## ମାଣ୍ଡିଆ ମିଶନ ଗଠନ ଓ କାର୍ଯ୍ୟକାରିତା

394 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ମାଣ୍ଡିଆ ମିଶନ ଗଠନ ଓ କାର୍ଯ୍ୟକାରୀତା ସମ୍ପର୍କରେ ସରକାରଙ୍କର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ତଥା ଆଭିମୁଖ୍ୟ କଣ, କେଉଁ ଜିଲ୍ଲାମାନଙ୍କରେ ମିଶନର ଲକ୍ଷ୍ୟ ପୂରଣ ଦିଗରେ କି କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## 5T ରୂପାନ୍ତରଣ ଯୋଜନାରେ ବିଦ୍ୟାଳୟ ସମ୍ପୃକ୍ତ

395 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ 5T ରୂପାନ୍ତରଣ (Transformation) ଯୋଜନାରେ ବର୍ତ୍ତମାନ ମୋଟ କେଉଁ ଜିଲ୍ଲାରେ କେତେ ଉଚ୍ଚ ବିଦ୍ୟାଳୟକୁ ସମ୍ପୃକ୍ତ କରାଯାଇଛି, ସମୁଦାୟ ଏଥିରେ ସରକାର କେତେ ଅର୍ଥ ବିନିଯୋଗ କରିସାରିଛନ୍ତି ଓ ଆଉ କେତେ ବିନିଯୋଗ କରିବେ, ସମ୍ପୃକ୍ତ ହୋଇଥିବା ଉଚ୍ଚ ବିଦ୍ୟାଳୟ ଗୁଡିକରେ ଶିକ୍ଷକ, ଅଣଶିକ୍ଷକ କେତେ ସଂଖ୍ୟାରେ ଆବଶ୍ୟକ ଓ ବର୍ତ୍ତମାନ କେତେ ଜଣ କାର୍ଯ୍ୟରତ ଅଛନ୍ତି, ସରକାର ଏହାର ସବିଶେଷ ତଥ୍ୟ ଉ୍ପସ୍ଥାପନ କରିବେ କି, ଆସନ୍ତା ଶିକ୍ଷା ବର୍ଷରୁ ନୂତନ ନିଯୁକ୍ତି ସମ୍ପର୍କରେ ସରକାରଙ୍କର ସ୍ପଷ୍ଟ ଯୋଜନା କ'ଣ ?

----

## ସମୟ ସୀମା ମଧ୍ୟରେ ସ୍କୁଲ ଘର କାର୍ଯ୍ୟ ସମାପ୍ତ କରିବା

396 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ରାଜ୍ୟ ସରକାର MLA Women's Higher Secondary School କୁ WODC ଜରିଆରେ NAC, Kantabanji କୁ ସ୍କୁଲରେ ଛାତ ପକାଇବା ପାଇଁ ୩୦ ଲକ୍ଷ ଟଙ୍କା ଦେଇଥିଲେ ମଧ୍ୟ ଏବଂ ସ୍କୁଲ ଛାତ ଭଙ୍ଗା ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବାର କାରଣ କଣ, (ଖ) କେଉଁ ସମୟ ସୀମା ଭିତରେ ଏହି ସ୍କୁଲର ଛାତ ପଡିବ ?

----

## NFSA ଏବଂ SFSA ଯୋଜନାରୁ ବଂଚିତ ଲୋକଙ୍କୁ ରାସନ କାର୍ଡ ଦେବା

397 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ ଥିବା ୨୦ଗୋଟି ଦାଦନ ପ୍ରବଣ ବ୍ଲକ (Migration Prone Block) ମାନଙ୍କରେ NFSA, SFSA ଯୋଜନାରେ ବହୁ ଗରିବ ଲୋକ ରାସନ କାର୍ଡରୁ ବଂଚିତ ହୋଇଥିବା ସରକାର ଜାଣନ୍ତି କି, (ଖ) କେଉଁ ସମୟ ସୀମାଭିତରେ NFSA ଏବଂ SFSA ରୁ ବଂଚିତ ହୋଇଥିବା ଗରିବ ଲୋକମାନଙ୍କୁ ସରକାର ରାସନ କାର୍ଡ ଯୋଗେଇବେ ?

----

## Miller ମାନେ ଦାୟୀତ୍ୱରେ ଖିଲାପ

398 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଗତ ୨ ବର୍ଷ ମଧ୍ୟରେ କେତେ ଜଣ Miller Agent ସେମାନଙ୍କ ଦାୟୀତ୍ୱରେ ଖିଲାପ କରି ସ୍ଥିରିକୃତ ଚାଉଳ ସରକାରଙ୍କୁ ହସ୍ତାନ୍ତର କରି ନାହାନ୍ତି, ସେମାନଙ୍କର ତାଲିକା ଦେବେକି, ସେମାନଙ୍କ ବିରୁଦ୍ଧରେ କି କି କାର୍ଯ୍ୟାନୁଷ୍ଠାନ ହୋଇଛି, ବାସ୍ତବରେ ସରକାରଙ୍କର କେତେ କ୍ଷତି ଘଟିଛି, (ଖ) ଚାଉଳ ଯୋଗାଣରେ ଅପାରଗତା ପ୍ରଦର୍ଶନକାରୀ ସଂସ୍ଥାକୁ ପୁନର୍ବାର ଧାନ ସଂଗ୍ରହ ଓ ଚାଉଳ ଯୋଗାଣର ଦାୟୀତ୍ୱ ଦିଆଯାଇଛି ?

----

## କାଳିଆ ଯୋଜନା ଦ୍ୱାରା ବିଜ୍ଞାପନ ପ୍ରକାଶ ପାଇ ଅର୍ଥ ବ୍ୟୟ

399 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) କାଳିଆ ଯୋଜନା ଘୋଷଣା ଠାରୁ ଅଦ୍ୟାବଧ ବିଭିନ୍ନ ଗଣମାଧ୍ୟମରେ କେଉଁ କେଉଁ ବର୍ଷରେ କାଳିଆ ଯୋଜନା ସମ୍ପର୍କୀତ ସମୁଦାୟ କେତେଗୋଟି ବିଜ୍ଞାପନ ପ୍ରକାଶ ପାଇଛି, ବିଭିନ୍ନ ସମ୍ବାଦପତ୍ର, ସୋସିଆଲ୍ ମିଡିଆ ଓ ଟେଲିଭିଜନ୍‌ରେ କି କି ପ୍ରକାର ବିଜ୍ଞାପନ ବାବଦକୁ (ପ୍ରଚାର ପ୍ରସାର ନିମନ୍ତେ) କେଉଁ ବର୍ଷ କେତେ ଅର୍ଥ ବ୍ୟୟ କରାଯାଇଛି, (ଖ) "କାଳିଆ ଛାତ୍ରବୃତ୍ତି" ନିମନ୍ତେ ସଚେତନତା ସୃଷ୍ଟି ତଥା ଅଧିକ ସଂଖ୍ୟକ କାଳିଆ ଉପଭୋକ୍ତାଙ୍କୁ ଆକୃଷ୍ଟ କରିବା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତି କରିବା ପାଇଁ କି କି ପ୍ରକାରର ବିଜ୍ଞାପନ ଜାରି କରାଯାଇଛି ଓ ଏ ବାବଦରେ କେତେ ଅର୍ଥ ବ୍ୟୟ କରାଯାଇଛି, ୨୦୨୧-୨୨ ବର୍ଷରେ କାଳିଆ ଛାତ୍ରବୃତ୍ତି ନିମନ୍ତେ କେଉଁ ଜିଲ୍ଲାରେ କେତେ ସଂଖ୍ୟକ ଛାତ୍ରଛାତ୍ରୀ Common Scholarship Portal ମାଧ୍ୟମରେ ଆବେଦନ କରିଛନ୍ତି କେତେ ଜଣଙ୍କୁ ଛାତ୍ର ବୃତ୍ତି ବାବଦକୁ କେତେ ଅର୍ଥ ମଞ୍ଜୁର କରାଯାଇଛି ଓ କେତେ ବ୍ୟୟ ହୋଇଛି ତାହା ଜଣାଇବେ କି ?

----

## ରୂପାନ୍ତରଣ ହୋଇଥିବା ସ୍କୁଲରେ ଥିବା ଖାଲି ପଦବୀ

400 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-:- ରୂପାନ୍ତରଣ ହୋଇଥିବା ସ୍କୁଲରେ ପ୍ରତି ପାଠାଗାର, ବିଜ୍ଞାନଗାର, ପ୍ରଧାନ ଶିକ୍ଷକଙ୍କ ପ୍ରକୋଷ୍ଠ ଓ କମନରୁମ୍ ଥିବା ବିଦ୍ୟାଳୟ ସଂଖ୍ୟା କେତେ ତାର ଏକ ତାଲିକା ଉପସ୍ଥାପନ କରିବା ସହ ସଂପୃକ୍ତ ସ୍କୁଲରେ ସମସ୍ତ ବିଭାଗ ନିମନ୍ତେ ଶିକ୍ଷକ ସମେତ କେଉଁ ବିଷୟରେ ଖାଲିଥିବା ପଦବୀ ସଂଖ୍ୟା କେତେ, ଖାଲିଥିବା ପଦବୀ ମଧ୍ୟରୁ କେବେସୁଦ୍ଧା କେତେ ପଦବୀ ପୂରଣ କରାଯିବ ସେଥିପାଇଁ କି କି ପ୍ରସ୍ତୁତି କେଉଁ ପର୍ଯ୍ୟାୟରେ ରହିଛି ତାହା ପ୍ରକାଶ କରିବେ କି ?

----

## ପ୍ରାଥମିକ ବିଦ୍ୟାଳୟକୁ ଉଚ୍ଛେଦ କରି ନିକଟବର୍ତ୍ତୀ ବିଦ୍ୟାଳୟରେ ସାମିଲ

401 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-:- (କ) ଜନସାଧାରଣଙ୍କ ଆପତ୍ତି ସତ୍ତ୍ୱେ ରାଜ୍ୟରେ କେଉଁ ଜିଲ୍ଲାର କେତୋଟି ପ୍ରାଥମିକ ବିଦ୍ୟାଳୟକୁ ଉଚ୍ଛେଦ କରି ନିକଟବର୍ତ୍ତୀ ବିଦ୍ୟାଳୟରେ ମିଶ୍ରଣ କରାଯାଇଛି, ବିଦ୍ୟାଳୟ ମିଶ୍ରଣ ଫଳରେ ଉଚ୍ଛେଦ ହୋଇଥିବା ପ୍ରାଥମିକ ବିଦ୍ୟାଳୟର କେତେଜଣ ଛାତ୍ର Right to Education Act. ଅନୁଯାୟୀ ପ୍ରାଥମିକ ଶିକ୍ଷା ପାଇବାରୁ ବଂଚିତ ହୋଇଛନ୍ତି ଓ ଏଥିପାଇଁ କେଉଁ କେଉଁ ଗ୍ରାମବାସୀମାନେ ନିକଟରେ ହୋଇଥିବା ଗ୍ରାମପଂଚାୟତ ଭୋଟ ବର୍ଜନ କରି ଅସନ୍ତୋଷ ଜାହିର କରିଛନ୍ତି, ଜିଲ୍ଲାୱାରୀ ଓ ବିଦ୍ୟାଳୟୱାରୀ କ୍ଷତିଗ୍ରସ୍ତ ବିଦ୍ୟାଳୟର ତାଲିକା ଦେବେକି, (ଖ) ଲୋଇସିଂହା ନିର୍ବାଚନମଣ୍ଡଳୀରେ ଉଚ୍ଛେଦ ହୋଇଥିବା ପ୍ରାଥମିକ ବିଦ୍ୟାଳୟର ତାଲିକା ଓ କ୍ଷତିଗ୍ରସ୍ତ ଛାତ୍ରଙ୍କ ତାଲିକା ସହ ଏହି ବିଦ୍ୟାଳୟର ଭିତ୍ତିଭୂମି (Land/Building) ର ବର୍ତ୍ତମାନ custodian କିଏ ଓ ତାର ବ୍ୟବହାର ସମ୍ବନ୍ଧୀୟ ବିଶଦ ବିବରଣୀ ଦେବେକି?

----

## ବିଶ୍ୱବିଦ୍ୟାଳୟରେ Reader ପଦବୀରେ ନିଯୁକ୍ତି

402 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-:- (କ) ତା. 4.4.2016 ପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ବ୍ୟତୀତ ରାଜ୍ୟର କେଉଁ କେଉଁ ବିଶ୍ୱବିଦ୍ୟାଳୟ Reader ପଦବୀରେ ନୂତନ ଭାବରେ Teaching Staff ନିଯୁକ୍ତି ପ୍ରଦାନ କରିଛନ୍ତି, ଯଦି ସମ୍ବଲପୁର ବିଶ୍ୱବିଦ୍ୟାଳୟ ବ୍ୟତୀତ ରାଜ୍ୟର ଅନ୍ୟ କୌଣସି ବିଦ୍ୟାଳୟରେ Reader ପଦବୀରେ ନୂତନ ଭାବରେ Teaching Staff ନିଯୁକ୍ତି ନଦେଇ Associate Professor ଭାବରେ ନିଯୁକ୍ତି ଦିଆଯାଇଛି ତେବେ ସରକାରଙ୍କ କେଉଁ Act and Rules କୁ ଭିତ୍ତିକରି କେବଳ ପଶ୍ଚିମ ଓଡିଶାର ପୁରାତନ ବିଶ୍ୱବିଦ୍ୟାଳୟର ପାଇଁ ତା. 4.4.2016 ପରେ Reader ପଦବୀରେ Teaching Staff ନିଯୁକ୍ତି କରାଯାଇଛି ତାର କପି ଉପସ୍ଥାପନ କରିବେକି, ଅଣତାରକା ପ୍ରଶ୍ନ ସଂଖ୍ୟା 1039 ତା. ୫.12.2021 ର ଉତ୍ତରରେ ସ୍ୱୀକାରୋକ୍ତି ଅନୁଯାୟୀ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଉପରୋକ୍ତ ସାତଜଣ Reader ଙ୍କୁ ନିଯୁକ୍ତି ପାଇଲା ଦିନ ଠାରୁ ( ତା. 4.4.2016 ପରେ) Associate Professor ପାଇଁ ଉଦ୍ଦିଷ୍ଟ pay scale and seniority ଦେବା ନିୟମତଃ ସମ୍ଭବ ନୁହେଁ, ସରକାରଙ୍କ କେଉଁ ନିୟମ ନିଯୁକ୍ତି ପାଇବା ଦିନ ଠାରୁ ( ତା. 4.4.2016 ପରେ) ଏହି ସାତ ଜଣଙ୍କୁ ଉପରୋକ୍ତ ସୁବିଧା ଦେବା ପାଇଁ ବାରଣ କରୁଛି ତାହା ଉପସ୍ଥାପନ କରିବେକି?

----

## କୃଷି ଓ କୃଷକ ସଶକ୍ତିକରଣ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ବଜେଟ୍

403 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କୃଷି ଓ କୃଷକ ମାନଙ୍କର ସଶକ୍ତିକରଣ ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଦ୍ଵାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ନିମନ୍ତେ ରାଜ୍ୟ ସରକାର ନିଜସ୍ଵ ପାଣ୍ଠିରୁ 2018-2019ରୁ 2021- 2022 ବର୍ଷ ନିମନ୍ତେ କେଉଁ ଯୋଜନା କାର୍ଯ୍ୟକ୍ରମରେ କେତେ ଅର୍ଥ ବଜେଟରେ ବରାଦ କରିଥିଲେ ଓ କେତେ ଅର୍ଥ ବ୍ୟୟ କରିଛନ୍ତି, 2022- 2023 ରେ କେତେ ଅର୍ଥ କେଉଁ ଯୋଜନାରେ ବ୍ୟୟ କରିବା ନିମନ୍ତେ ଆକଳନ କରାଯାଇଛି ତାହା ପ୍ରକାଶ କରିବେକି, ଅଣତାରକା ପ୍ରଶ୍ନ ସଂଖ୍ୟା 1082 ତା. ୫.୭.2021ର ଉତ୍ତର ସାରଣୀ 1 ରେ ପ୍ରଦତ୍ତ ରାଜ୍ୟ ଯୋଜନା ମଧ୍ୟରୁ କେଉଁ ଯୋଜନା କେଉଁ ବର୍ଷରୁ କାର୍ଯ୍ୟକାରୀ ହେଉଅଛି ଓ 2021-2022 ବର୍ଷରେ ସଂପୃକ୍ତ ଯୋଜନା ମଧ୍ୟରୁ କେଉଁ ଯୋଜନାରେ କେତେ ଅର୍ଥ ବରାଦ କରାଯାଇଥିଲା ତାହା ଜଣାଇବେ କି?

----

## ହିତାଧିକାରୀଙ୍କୁ ଟଙ୍କାକରେ ଚାଉଳ ଯୋଗାଣ

404 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେଉଁ ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଏବଂ ଲକ୍ଷ୍ୟକୁ ଆଧାରରେ ଟଙ୍କାକରେ ଚାଉଳ ଯୋଗାଣ ଯୋଜନା କେବେ ଆରମ୍ଭ କରାଯାଇଥିଲା, ଯୋଜନା ଆରମ୍ଭ ସମୟରେ କେତେ ସଂଖ୍ୟକ ପରିବାରର କେତେ ହିତାଧିକାରୀଙ୍କୁ କେଉଁ ମାପଦଣ୍ଡ ଆଧାରରେ ଚୟନ କରାଯାଇ ଟଙ୍କାକରେ ଚାଉଳ ଯୋଗାଇ ଦିଆଯାଇଥିଲା, 2014-2015 ରୁ 2021-2022 ବର୍ଷ ମଧ୍ୟରେ ଏହି ସଂଖ୍ୟା କେଉଁ ବର୍ଷ କେତେ ବୃଦ୍ଧି କିମ୍ବା ହ୍ରାସ ହୋଇଥିଲା ତାର ବର୍ଷ ଓ ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ଡାଲି ଉତ୍ପାଦନ ଦ୍ଵାରା ଆତ୍ମନିର୍ଭରଶୀଳ କରିବା

405 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବାର୍ଷିକ କେତେ ହରଡ,ମୁଗ, ବିରି, କୋଳଥ, କାନ୍ଦୁଲ, ମସୁର, ଚଣାଆଦି ଡାଲିର ଚାହିଦା ଥିବାବେଳେ ରାଜ୍ୟରୁ ଉପରୋକ୍ତ ଡାଲିଜାତୀୟ ଦ୍ରବ୍ୟ ମଧ୍ୟରୁ କେତେ ଉତ୍ପାଦିତ ହେଉଛି ଡାଲି ଉତ୍ପାଦନରେ ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## +2 ଶିକ୍ଷାନୁଷ୍ଠାନକୁ ଅନୁଦାନ ପରିସରଭୁକ୍ତ କରିବା

406 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ ଜିଲ୍ଲାର କେତେଗୋଟି +2 ଶିକ୍ଷାନୁଷ୍ଠାନ ଅନୁଦାନ ପ୍ରତିକ୍ଷାରେ ଅଛି ଏହି ଶିକ୍ଷାନୁଷ୍ଠାନକୁ ଅନୁଦାନ ପରିସରଭୁକ୍ତ କରିବା ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## କୃଷି ନୀତି ପ୍ରଣୟନ ଦ୍ୱାରା ସୁବିଧା ସୁଯୋଗ

407 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନୂତନ କୃଷି ନୀତି ପ୍ରଣୟନ ପରେ ବିଗତ ପାଞ୍ଚ ବର୍ଷରେ ରାଜ୍ୟର କେଉଁ ଜିଲ୍ଲାର କେତେଜଣ ଚାଷୀଙ୍କୁ କି ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରାଯାଇଛି ?

----

## ଖାଲି ପଦବୀକୁ ଆକଳନ କରି ଶିକ୍ଷକ ନିଯୁକ୍ତି

408 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଓଡ଼ିଶା ଶିକ୍ଷା ସେବା -1, ଓଡ଼ିଶା ଶିକ୍ଷା ସେବା-2, ସିନିଅର ଏସ.ଇ.ଏସ. ସହ କେଉଁ ବର୍ଗର ଶିକ୍ଷକ ପଦବୀରୁ କେତେ ପଦବୀ ଖାଲି ଅଛି ଓ ଷାଠିଏ ବର୍ଷ ବୟସ ଅବଧି ପୂର୍ଣ୍ଣ ହେତୁ 2022 ଡ଼ିସେମ୍ବର ସୁଦ୍ଧା କେତେ ପଦବୀ ଖାଲି ହେବ, ଏହାକୁ ଆକଳନ କରି ଖାଲି ହେବାକୁଥିବା ପଦବୀ ସହ ଖାଲି ପଦବୀକୁ ଆକଳନ କରି ଶିକ୍ଷକ ନିୟୋଜନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ସମୁଦ୍ରକୂଳ ଚାଷୀଙ୍କୁ ପ୍ରୋତ୍ସାହନ

409 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକ ଜିଲ୍ଲାର ସମୁଦ୍ର ଉପକୂଳ ଅଞ୍ଚଳରେ ପାଣିପାଗ ଅନୁକୂଳ ଧାନ ଚାଷ ପାଇଁ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବାପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଖାଲିଥିବା ଶିକ୍ଷକ ପଦବୀ ପୂରଣ

410 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକ ଜିଲ୍ଲାରେ ଥିବା ଉଚ୍ଚ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟମାନଙ୍କରେ କେତେ ସଂଖ୍ୟକ ଶିକ୍ଷକ ଓ କର୍ମଚାରୀ ପଦବୀ ଖାଲି ଅଛି, ଏହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଫଳ ଓ ପନିପରିବା ଚାଷପାଇଁ ସହାୟତା ପ୍ରଦାନ

411 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଢ଼େଙ୍କାନାଳ ଜିଲ୍ଲାରେ ଫଳ ଓ ପନିପରିବା ଚାଷ ବିକଶିତ କରି ଚାଷୀମାନଙ୍କ ଆର୍ଥିକ ପ୍ରଗତି ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଅବସର ଗ୍ରହଣ ଦିନ ପେନସନ ପ୍ରଦାନ

412 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଅବସର ଗ୍ରହଣ ଦିନ ଶିକ୍ଷକ ଓ କର୍ମଚାରୀମାନଙ୍କୁ ପୂର୍ଣ୍ଣାଙ୍ଗ ପେନସନ ଓ ଅନ୍ୟ ଅବସରକାଳୀନ ପ୍ରାପ୍ୟ ମଞ୍ଜୁରୀ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି ; ଉତ୍ତର 'ହଁ' ହେଲେ, ଏହା କେବେସୁଦ୍ଧା କାର୍ଯ୍ୟକାରୀ କରାଯିବ ?

----

## M.E. ସ୍କୁଲକୁ High School ମାନ୍ୟତା

413 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟର କେଉଁ କେଉଁ ପଞ୍ଚାୟତରେ ଗୋଟିଏ ବି High School ନାହିଁ, ସେଥିପାଇଁ ବିଭାଗ କି ବ୍ୟବସ୍ଥା କରିଛନ୍ତି; High School ନ ଥିବା ପଞ୍ଚାୟତର ତାଲିକା ଦେବେ କି ; (ଖ) M . Rampur ବ୍ଲକର Dumerguda ର M.E. School କୁ High School ଅତିଶ୍ରୀଘ୍ର କରିବେ କି ?

----

## ଅଧ୍ୟାପକ ନିଯୁକ୍ତି ସମ୍ପର୍କରେ

414 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ବର୍ଷରେ କେତେଜଣ ଅଧ୍ୟାପକ ନିଯୁକ୍ତ ହୋଇଛନ୍ତି ଓ ନିକଟ ଭବିଷ୍ୟତରେ କେବେସୁଦ୍ଧା ଉଚ୍ଚଶିକ୍ଷା ବିଭାଗରେ ବିଭିନ୍ନ ସ୍ତରରେ Interview ହୋଇଅଛି ଜଣାଇବେ କି ; ଏ ସମସ୍ତ କେବେସୁଦ୍ଧା ନିଯୁକ୍ତି ପାଇବେ ?

----

## ଯୋଗ୍ୟ ହିତାଧିକାରୀଙ୍କୁ କାଳିଆ ଯୋଜନାରେ ସାମିଲ

415 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ନୟାଗଡ଼ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଣପରୁ ଓ ଓଡ଼ଗାଁ ବ୍ଲକରେ କାଳିଆ ଯୋଜନାରେ ଅନେକ ହିତାଧିକାରୀ ଅନ୍ତର୍ଭୁକ୍ତ ହୋଇ ଥରକୁଥର ଆର୍ଥିକ ସହାୟତା ପାଉଥିଲାବେଳେ ଅନେକ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବାଦ ପଡ଼ିଥିବାର ପ୍ରବଳ ଜନ ଅସନ୍ତୋଷ ଲାଗି ରହିଛି, ଏଣୁ କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ପାରିନଥିବା ରଣପୁର ନିର୍ବାଚନ ମଣ୍ଡଳୀର ଯୋଗ୍ୟ ହିତାଧିକାରୀମାନଙ୍କୁ ଅନ୍ତର୍ଭୁକ୍ତ କରିବାପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା କରିବେ କି ?

----

## ଖାଲିଥିବା ଶିକ୍ଷକ ପଦବୀ ପୂରଣ

416 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର)ː**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀର ରଣପୁର ଓ ଓଡଗାଁ ବ୍ଲକର ସ୍କୁଲମାନଙ୍କରେ ଶିକ୍ଷକ ପଦବୀ ମାନ ଖାଲି ପଡିଥିବାରୁ ଶିକ୍ଷାଦାନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି, ଏଣୁ ଶିକ୍ଷକ ପଦବୀଗୁଡିକ ପୁରଣ କରିବା ପାଇଁ ସରକାର କଣ ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ କେବେସୁଦ୍ଧା ଶିକ୍ଷକ ପଦବୀଗୁଡିକ ପୁରଣ କରାଯିବ ଜଣାଇବେ କି ?

----

## ପ୍ରାଥମିକ ବିଦ୍ୟାଳୟକୁ '5-ଟି' ଯୋଜନାରେ ସାମିଲ

417 **ଶ୍ରୀ ସୌଭିକ୍ ବିଶ୍ଵାଳ (ଚୌଦ୍ୱାର-କଟକ)ː**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ଉଚ୍ଚ ବିଦ୍ୟାଳୟ ଭଳି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ '5-ଟି' ଯୋଜନାରେ ସାମିଲ କରି ତାହାର ଭିତ୍ତିଭୂମି ଉନ୍ନୟନ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ, ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଉନ୍ନତ ଧାନ ଖଳା ନିର୍ମାଣ

418 **ଶ୍ରୀ ସୌଭିକ୍ ବିଶ୍ଵାଳ (ଚୌଦ୍ୱାର-କଟକ)ː**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- କଟକ ଜିଲ୍ଲାରେ ମୋଟ ଗ୍ରାମ ମଧ୍ୟରୁ କେତୋଟି ଗ୍ରାମରେ ଉନ୍ନତ ଧାନ ଖଳା ନିର୍ମାଣ ପୂର୍ଣ୍ଣାଙ୍ଗ ହୋଇଛି, କେତୋଟି ନିର୍ମାଣାଧିନ ଅଛି, ସମସ୍ତ ଗ୍ରାମରେ ଧାନଖଳା ନିର୍ମାଣ ପାଇଁ ସରକାର ସ୍ଵତନ୍ତ୍ର ପଦକ୍ଷେପ ଗ୍ରହଣ କରିବେ କି ?

----

## ରେସନ କାର୍ଡ ଯୋଗାଣର ବ୍ୟବସ୍ଥା

419 **ଶ୍ରୀ ଅରବିନ୍ଦ ଢାଲୀ (ଜୟଦେବ)ː**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜୟଦେବ ନିର୍ବାଚନ ମଣ୍ଡଳୀରେ ଯେଉଁମାନଙ୍କର ବାଲିଅନ୍ତା ଓ ବାଲିପାଟଣା ବ୍ଲକରେ ସେମାନଙ୍କୁ ରେସନ କାର୍ଡ ତୁରନ୍ତ ଯୋଗାଇବାର ବ୍ୟବସ୍ଥା କରିବେ କି ?

----

## ATMA ଯୋଜନାରେ ଅନୁଦାନ ଯୋଗାଣ

**420 ଶ୍ରୀ ଜୟନ୍ତ କୁମାର ସରଙ୍ଗୀ (ପୁରୀ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପୁରୀ ସଦର ବ୍ଲକକୁ 2019/20 ଠାରୁ 2021/22 ଆର୍ଥିକ ବର୍ଷମାନଙ୍କରେ ଆତ୍ମା (ATMA) ଯୋଜନାରେ କେତେ ଅନୁଦାନ ଯୋଗାଇ ଦିଆଯାଇଛି, ସେହି ଅନୁଦାନର ବିନିଯୋଗର ତାଲିକା ଯୋଗାଇବା ସହ ସର୍ବମୋଟ କେତୋଟି ବୈଠକ ଆତ୍ମା କମିଟି ମାଧ୍ୟମରେ କରାହୋଇଛି ତାର ସୂଚନା ସହ ପାରିତ ହୋଇଥିବା ପ୍ରସ୍ତାବଗୁଡିକର ବିସ୍ତୃତ ତଥ୍ୟ ପ୍ରଦାନ କରିବେ କି, ଆତ୍ମା କମିଟି କେବେ ଗଠନ କରାହୋଇଛି ତାର ସଭାପତି ଓ ସଭ୍ୟ ସଭ୍ୟାମାନଙ୍କର ତାଲିକା ଉପସ୍ଥାପନ କରିବେ କି ?

----

## ଓପିଜିସିର ଘରୋଇକରଣ

**421 ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗତ ବିଧାନସଭା ଅଧିବେଶନରେ ସରକାର ଓପିଜିସିର ଘରୋଇକରଣ କରାଯିବା କଥା କହିଥିଲେ, ଘରୋଇକରଣ ପୂର୍ବରୁ ଓପିଡିସି ଗ୍ରୀଡକୋ ମଧ୍ୟରେ ହୋଇଥିବା ବିଦ୍ୟୁତ୍ ବିକ୍ରୟ ଚୁକ୍ତିର ସଂଶୋଧନ କରାଯିବ କି, ଉକ୍ତ ଚୁକ୍ତିରେ normative parameter ସିଆରସିଙ୍କ ବିଜ୍ଞାପିତ ବେଞ୍ଚ ମାର୍କଠାରୁ ଅଧିକ ଥିବା କାରଣରୁ ବିଦ୍ୟୁତ୍ ଦର ୟୁନିଟ୍ ପିଛା 50 ପଇସାରୁ ଅଧିକା ଦର ନିରୂପିତ ହେଉଛି ଓ ଏହାଦ୍ୱାରା ଉପଭୋକ୍ତାମାନେ ଶୋଷିତ ହେଉଛନ୍ତି, ତେଣୁ ଜନସ୍ୱାର୍ଥକୁ ବିଚାରକୁ ନେଇ ଘରୋଇକରଣ ପୂର୍ବରୁ ଉକ୍ତ ଚୁକ୍ତିର ସଂଶୋଧନ ସରକାର କରିବେ କି ?

----

## Present status of tariff policy

**422 Dr. Pradeep Kumar Panigrahy (Gopalpur):**

Will the Minister for **Energy** be pleased to state that:-:- what is present tariff policy of state in comparison with Delhi and Sikkim; will the Government take steps to subsidy electricity tariff to provide relief to domestic consumer; what is quality of power supply in different district of Odisha?

----

## କାର୍ଡ ବ୍ୟାଙ୍କ କର୍ମଚାରୀଙ୍କୁ ବକେୟା ଦରମା ଓ P.F. dues ଦେବା

423 **ଶ୍ରୀ ରାଜେନ୍ଦ୍ର କୁମାର ସାହୁ (ବେଗୁନିଆ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମାନ୍ୟବର ହାଇକୋର୍ଟ W.P.C 25411/2020 ଓ Contc 5768/2020 ରେ ଆବେଦନ କରିଥିବା 40 ଜଣ କାର୍ଡ ବ୍ୟାଙ୍କ କର୍ମଚାରୀ ମାନଙ୍କର 28.02.2022 ଓ Audit ହୋଇସାରିଥିବା 31.03.2019 ସୁଧା ବ୍ୟକ୍ତିଗତ ପାଇବାକୁ ବକେୟା ଦରମା ଓ Provident Fund Dues କେତେ ଅଟେ ?

----

## ମଣ୍ଡି ଓ ଟୋକନ ବ୍ୟବସ୍ଥାର ସ୍ଥାୟୀ ସମାଧାନ

424 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଧାନ ସଂଗ୍ରହ ପାଇଁ କେତୋଟି ମଣ୍ଡି ଖୋଲିବାର ଥିଲା ଏବଂ ସେଥିରୁ କେତୋଟି ମଣ୍ଡି କାର୍ଯ୍ୟକ୍ଷମ ହେଲା ଚାଷୀ ମାନଙ୍କୁ ଟୋକନ ପ୍ରଦାନ କରାଯାଇଥିଲେ ମଧ୍ୟ କିଛି ଚାଷୀ ମଣ୍ଡିର ଅବହେଳା କାରଣରୁ ଟୋକନ କାର୍ଯ୍ୟକାରୀ ନ ହୋଇପାରିବା ସତ୍ୟ କି ଉତ୍ତର ଯଦି ହଁ ହୁଏ ଚାଷୀ ମାନଙ୍କ ହିତ ଦୃଷ୍ଟିରୁ ସରକାର ବାରମ୍ବାର ମଣ୍ଡି ଏବଂ ଟୋକନ ସମସ୍ୟାର ସ୍ଥାୟୀ ସମାଧାନ କରିବେ କି ?

----

## କୃଷି କ୍ଷେତ୍ରରେ ବିଦ୍ୟୁତ ଉପଯୋଗ ବୃଦ୍ଧି

425 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେନ୍ଦ୍ରୀୟ ବିଦ୍ୟୁତ ପ୍ରାଧିକରଣ (CEA) ରିପୋର୍ଟ ଅନୁସାରେ ଦେଶରେ ବ୍ୟବହୃତ ମୋଟ ବିଦ୍ୟୁତର 20.08% କୃଷି କ୍ଷେତ୍ରରେ ଉପଯୋଗ ହୋଇଥିବା ବେଳେ ପଡୋଶୀ ତେଲେଙ୍ଗାନା ଆନ୍ଧ୍ର ଓ ଛତିଶଗଡରେ ତାହା ଯଥାକ୍ରମେ 35.07%, 26.85% ଓ 22.30% ଓଡିଶାରେ ମୋଟ ଚାଷ ଜମିର 35% ରୁ କମ ଜଳ ସେଚିତ ବାକି 65% ମରୁଡି ପ୍ରବଣ ହୋଇଥିବା ବେଳେ ଏଠାରେ କୃଷି କ୍ଷେତ୍ରରେ ବିଦ୍ୟୁତ ଉପଯୋଗ ମାତ୍ର 2.80% ରେ ସୀମିତ ରହିବା କାରଣ କଣ ଏଭଳି ପରିସ୍ଥିତିରେ କୃଷି ଉତ୍ପାଦନ ବୃଦ୍ଧି ଲକ୍ଷ୍ୟ ହାସଲ ହେବ କେମିତି କୃଷି କ୍ଷେତ୍ରରେ ବିଦ୍ୟୁତ ଉପଯୋଗ ବୃଦ୍ଧି ଲାଗି ବିସ୍ତୃତ ଯୋଜନା କଣ ସବିଶେଷ ଜଣାଇବେ କି ?

----

## ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ଚାଉଳ ଦୁର୍ନୀତି

426 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପରିଚାଳିତ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଏବେ ଦୁର୍ନୀତିପୂର୍ଣ୍ଣ ସାବ୍ୟସ୍ତ ହୋଇଛି କି ; ସମସ୍ତ ଜାଣତରେ 50 କିଲୋଗ୍ରାମ ନାମରେ 35 କେ.ଜି. ଚାଉଳର ବସ୍ତା ଦିଆଯାଉଛି କି ; ସେଥିରୁ ମିଳୁଥିବା ଫାଇଦା ଗ୍ରାମଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ବଣ୍ଟାଯାଉଛି କି ; ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେବେ କି?

----

## ସରକାରୀ ମହାବିଦ୍ୟାଳୟରେ ଖାଲିଥିବା ପଦବୀ ପୂରଣ

427 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜୟପୁର ସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟ ପାଇଁ କେତେ ଅଧ୍ୟାପକ, ପ୍ରାଧ୍ୟାପକ ଓ ଅଧ୍ୟକ୍ଷ ପଦବୀ ମଞ୍ଜୁରୀ ପାଇଛି ; ଏବେ କେତେ ଖାଲି ପଡିଛି ; ସେଗୁଡିକ ପୂରଣ ପାଇଁ ସରକାର ନିର୍ଭର ପ୍ରତିଶୃତି ଦେବେ କି ; ଗତ ଏକ ବର୍ଷ ମଧ୍ୟରେ ସେଠାରେ କେତେ ଜଣଙ୍କୁ ନିଯୁକ୍ତି ଦିଆଯାଇଛି ଓ କେତେଜଣଙ୍କୁ ପ୍ରତ୍ୟାହାର କରି ଅଣାଯାଇଛି?

----

## ଓମଫେଡର ଶୀତଳୀକରଣ ପ୍ଲାଣ୍ଟ

428 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟର ଓମଫେଡର କେତେ ଶୀତଳିକରଣ ପ୍ଲାଣ୍ଟ ଅଛି ; କୋରାପୁଟ ଜିଲ୍ଲାର ଦୁଗ୍ଧ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଜୟପୁରଠାରେ ଏକ ଶୀତଳୀକରଣ ପ୍ଲାଣ୍ଟ କରାଯିବ କି ; ଏଥି ପାଇଁ ସରକାର ପ୍ରତିଶୃତି ଦେଇଥିଲେ କି ; (ଖ) କୋରାପୁଟ ଜିଲ୍ଲାରେ କେତେ ଦୁଗ୍ଧ (ଗାଇ ଓ ମଇଁଷି) ଉତ୍ପାଦନ ହେଉଛି ତାହାର ତଥ୍ୟ ଦେବେ କି?

----

## ବିଦ୍ୟୁତ ଶକ୍ତି ପହଞ୍ଚିନଥିବା ଗ୍ରାମର ଜିଲ୍ଲାୱାରୀ ତାଲିକା

429 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନାରେ ସମସ୍ତ ଗ୍ରାମକୁ ବିଦ୍ୟୁତ ଶକ୍ତି ଯୋଗାଇ ଦେବାକୁ ସରକାର ପ୍ରତିଶୃତି ଦେଇଥିଲେ କି ; ତାହା ବିଫଳ ପ୍ରମାଣିତ ହୋଇଛି କି ; ଏ ପର୍ଯ୍ୟନ୍ତ ରାଜ୍ୟର କେତେ ଗ୍ରାମରେ ବିଦ୍ୟୁତ ଶକ୍ତି ପହଞ୍ଚିନାହିଁ, ତାହାର ଜିଲ୍ଲାୱାରୀ ତଥ୍ୟ ଦେବେ କି ; (ଖ) ଅଣ ପାରମ୍ପରିକ ପ୍ରକଳ୍ପ ମାଧ୍ୟମରେ କେତେ ଗ୍ରାମକୁ ବିଦ୍ୟୁତକରଣ କରାଯିବାକୁ ସ୍ଥିର ହୋଇଥିଲା ; ତନ୍ମଧ୍ୟରୁ କେତେ ଗ୍ରାମ ବାଦ ପଡିଛି?

----

## ଅଳସୀ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ସମ୍ପ୍ରସାରଣ କେନ୍ଦ୍ର

430 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ସମ୍ପ୍ରତି ରାଜ୍ୟ ତଥା ଦେଶରେ ଖାଇବା ତେଲର ଅଭାବ ଦେଖା ଦେଇଥିବା ବେଳେ ବାରମ୍ବାର ଦାବୀ ସତ୍ତ୍ୱେ ଅଳସୀ ଚାଷକୁ ପ୍ରୋତ୍ସାହିତ କରାଯାଉ ନଥିବାର କାରଣ କଣ ; ଏହା ଏକ ଉତ୍ତମମାନର ତୈଳବୀଜ କି ; କୋରାପୁଟ ଜିଲ୍ଲାରେ ଅତୀତରେ ଏହି ଚାଷ ବ୍ୟାପକ ଭାବେ କରାଯାଉଥିଲା ବେଳେ ଏବେ ଖୁବ୍ କମ୍ ହେଉଛି କି ; ଏହାକୁ ଦୃଷ୍ଟିରେ ରଖି ଅଳସୀ ଚାଷୀମାନଙ୍କ ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ସମ୍ପ୍ରସାରଣ/ପ୍ରୋତ୍ସାହନ କେନ୍ଦ୍ର ଖୋଲାଯିବ କି ; (ଖ) ଏହାଛଡା ଏକ ଗବେଷଣା କେନ୍ଦ୍ର ଖୋଲାଯିବ କି?

----

## ଦୁର୍ଗମ ଗ୍ରାମରେ ବିଦ୍ୟୁତକରଣ

431 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଅନୁଗୋଳ ଜିଲ୍ଲାର କେଉଁ ଦୁର୍ଗମ ଗ୍ରାମରେ ଅଣପାରମ୍ପରିକ ଉତ୍ସ ମାଧ୍ୟମରେ ଓଡିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ଦ୍ୱାରା ବିଦ୍ୟୁତ୍କରଣ କରିବାର ପ୍ରସ୍ତାବ ଅଛି ଓ ଏହାର କାର୍ଯ୍ୟକାରୀତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ଅନୁଗୋଳ ଜିଲ୍ଲାରେ ଆତ୍ମନିଯୁକ୍ତି

432 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଅନୁଗୋଳ ଜିଲ୍ଲାରେ ଖଦୀ ଓ ଗ୍ରାମଦ୍ୟୋଗ ମାଧ୍ୟମରେ ଅଧିକ ଆତ୍ମନିଯୁକ୍ତି ସୃଷ୍ଟି ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଗୋଶାଳା ନିର୍ମାଣ

433 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ହଳଲଙ୍ଗଳ ପରିବର୍ତ୍ତେ କଳଲଙ୍ଗଳରେ ଚାଷ କାର୍ଯ୍ୟ ହେଉଥିବାରୁ ରାଜ୍ୟରେ ବଳଦର ଚାହିଦା କମୁଥିବା କାରଣରୁ ଅଣ୍ଡିରା ବାଛୁରୀମାନଙ୍କୁ ଷଣ୍ଢ କରି ଛାଡି ଦିଆଯାଉଥିବା ଓ ସେହି ଷଣ୍ଢମାନଙ୍କ ଦ୍ୱାରା ବ୍ୟାପକ ଫସଲ ହାନୀ ହେଉଥିବାରୁ ପ୍ରତ୍ୟେକ ବ୍ଲକ ଓ ପୌର ସଂସ୍ଥାରେ ଗୋଶାଳା ନିର୍ମାଣ କରି ଏଠାରେ ଷଣ୍ଢ ଓ ରୁଗଣ ଗାଈ ଗୋରୁଙ୍କୁ ରଖିବା ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ଏହାର କାର୍ଯ୍ୟକାରୀତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ଆଠମଲ୍ଲିକରେ ଶିଳ୍ପାଞ୍ଚଳ ପ୍ରତିଷ୍ଠା

434 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ ଶିଳ୍ପାଞ୍ଚଳ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ଏହାର କାର୍ଯ୍ୟକାରୀତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ଆବେଦନକାରୀଙ୍କ ପୂର୍ଣ୍ଣାଙ୍ଗ ପେନସନ୍ ମଞ୍ଜୁର

435 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ)ଃ**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ସି.ଏ.୫୨୦୬/2012 ମସିହାର ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବା ପାଇଁ ବିଭାଗ କେତେ ଦୂର ସକ୍ଷମ ହୋଇଛି ଓ ଏହି ନିର୍ଦ୍ଦେଶନାମା ଆଧାରରେ ଆବେଦନକାରୀଙ୍କ ପୂର୍ଣ୍ଣାଙ୍ଗ ପେନସନ୍ କେବେସୁଦ୍ଧା ମଞ୍ଜୁର କରାଯାଇ ନ୍ୟାୟ ପ୍ରଦାନ କରାଯିବ ଅବଗତ କରିବେ କି ?

----

## ବିଦ୍ୟୁତ ବଣ୍ଟନ ସମ୍ପର୍କରେ

436 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ)ଃ**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ସୁନ୍ଦରଗଡ ଜିଲ୍ଲା ହେମଗିରି ବ୍ଲକ ସ୍ଥିତ OCPL ଠାରୁ କେତେ ବିଦ୍ୟୁତ ଉତ୍ପାଦନ ଲକ୍ଷ୍ୟଧାର୍ଯ୍ୟ ହୋଇଛି ଓ ସ୍ଥାନୀୟ ଅଞ୍ଚଳର କେତେ ପରିମାଣର ବିଦ୍ୟୁତ ବଣ୍ଟନ କରାଯିବାର ଧାର୍ଯ୍ୟ କରାଯାଇଛି?

----

## କଳାହାଣ୍ଡିରେ ଶିଳ୍ପାୟନ

437 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼)ଃ**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କଳାହାଣ୍ଡି ଜିଲ୍ଲାରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପାୟନ ଭିତ୍ତିଭୂମି ଉନ୍ନୟନ ପାଇଁ ସରକାରଙ୍କର ସ୍ୱତନ୍ତ୍ର ପ୍ରସ୍ତାବ ଅଛି କି ; ଉତ୍ତର ହଁ ହେଲେ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## କଳାହାଣ୍ଡି ଜିଲ୍ଲାରେ ମାଛଚାଷ

438 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼)ଃ**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କଳାହାଣ୍ଡି ଜିଲ୍ଲାରେ ବାର୍ଷିକ କେତେ ମାଛର ଚାହିଦା ଥିଲାବେଳେ ଜିଲ୍ଲାରୁ କେତେ ମାଛ ଉତ୍ପାଦନ ହେଉଛି ଓ ଜିଲ୍ଲାକୁ ମାଛ ଉତ୍ପାଦନରେ ଆତ୍ମ ନିର୍ଭରଶୀଳ କରିବା ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଇଡକୋ ମାଧ୍ୟମରେ ଶିଳ୍ପାଞ୍ଚଳ ପ୍ରତିଷ୍ଠା

439 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼)ଃ**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କଳାହାଣ୍ଡି ଜିଲ୍ଲାରେ ଇଡକୋ ମାଧ୍ୟମରେ ଶିଳ୍ପାଞ୍ଚଳ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## କଳାହାଣ୍ଡି ଜିଲ୍ଲାରେ ସମବାୟ ଆନ୍ଦୋଳନ

440 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଳାହାଣ୍ଡି ଜିଲ୍ଲାରେ ବିଭିନ୍ନ ସମବାୟ ସଂସ୍ଥାରେ କେତେ ପୁରୁଷ ଓ ମହିଳା (ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ପଛୁଆବର୍ଗ) ସଭ୍ୟଭୁକ୍ତ ହୋଇଛନ୍ତି ପ୍ରକାଶ କରି ଜିଲ୍ଲାରେ ଅଧିକ ସଂଖ୍ୟକ ଲୋକଙ୍କୁ ସମବାୟ ଆନ୍ଦୋଳନକୁ ବିକଶିତ କରିବା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## କଳାହାଣ୍ଡି ଜିଲ୍ଲାରେ ପଡିକାର୍ଡ ପ୍ରଦାନ

441 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଳାହାଣ୍ଡି ଜିଲ୍ଲାର କେଉଁ ବ୍ଲକ ଓ ପୌର ସଂସ୍ଥାର କେତେଜଣ ନୂତନ ପଡିକାର୍ଡ ପାଇଁ ଆବେଦନ କରି ପ୍ରତୀକ୍ଷାରେ ଅଛନ୍ତି ଓ ସେମାନଙ୍କୁ ପଡିକାର୍ଡ ଯୋଗାଇ ଦେବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## କଟକ ଜିଲ୍ଲାରେ ପି.ଏମ୍.ଇ.ଜି.ପି. ଋଣ ପ୍ରଦାନ

442 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଟକ ଜିଲ୍ଲାରେ ବିଗତ ତିନି ବର୍ଷରେ କେତେଜଣ ହିତାଧିକାରୀଙ୍କୁ ପି.ଏମ୍.ଇ.ଜି.ପି. ଋଣ ପ୍ରଦାନ କରାଯାଇଛି ଓ ଜିଲ୍ଲାରେ ଅଧିକ ସଂଖ୍ୟକ ହିତାଧିକାରୀଙ୍କୁ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ପାଇଁ ଋଣ ବ୍ୟବସ୍ଥା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## କଟକ ଜିଲ୍ଲାରେ ମତ୍ସ୍ୟଚାଷ

443 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଟକ ଜିଲ୍ଲାରେ ମତ୍ସ୍ୟଚାଷ ଭିତ୍ତିଭୂମି ଉନ୍ନୟନ ପାଇଁ ବିଗତ ତିନି ବର୍ଷରେ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି ଅବଗତ କରିବେ କି?

----

## ଅଚଳ ଅବସ୍ଥାରେ ଥିବା ଭାରି ଶିଳ୍ପ

444 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେଉଁ କେଉଁ ଭାରି ଶିଳ୍ପ କେବେଠାରୁ ଅଚଳ ଅବସ୍ଥାରେ ଅଛି ତାହାର ତାଲିକା ଦର୍ଶାଇ ଏହାକୁ ପୁନରୁଦ୍ଧାର ନିମନ୍ତେ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି?

----

## ଅଚଳ ଅବସ୍ଥାରେ ଥିବା ଶୀତଳ ଭଣ୍ଡାର ସଂଖ୍ୟା

445 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେତୋଟି ଶୀତଳ ଭଣ୍ଡାର ଅଚଳ ଅବସ୍ଥାରେ ଅଛି, ଏହାକୁ ପୁନରୁଦ୍ଧାର ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ମହାବିଦ୍ୟାଳୟରେ ଅଧ୍ୟାପକ ପଦବୀ ପୂରଣ

446 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ଅନୁଦାନପ୍ରାପ୍ତ ମହାବିଦ୍ୟାଳୟମାନଙ୍କରେ କେଉଁ ବିଭାଗରେ କେଉଁ ବର୍ଗର କେତେ ଅଧ୍ୟାପକ ପଦବୀ ଖାଲି ଅଛି ଓ ଏହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଡାଲି ଓ ତୈଳବୀଜ ଚାଷ ନିମନ୍ତେ ପ୍ରୋତ୍ସାହନ

447 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକ ଜିଲ୍ଲାରେ ଡାଲି ଓ ତୈଳବୀଜ ଚାଷ ନିମନ୍ତେ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଜରାଜୀର୍ଣ୍ଣ ଶ୍ରେଣୀଗୃହର ପୁନଃନିର୍ମାଣ

448 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକ ଜିଲ୍ଲାର କେତେଗୋଟି ଉଚ୍ଚ ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟର, କେତେଗୋଟି ଶ୍ରେଣୀଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି, ଏହାର ପୁନଃନିର୍ମାଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଏକକ ବିଶ୍ୱବିଦ୍ୟାଳୟର ମାନ୍ୟତା

449 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଏକକ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବାକୁ ସରକାରଙ୍କ ପ୍ରସ୍ତାବ ଅଛିକି , ଉତ୍ତର ହଁ ହେଲେ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ମତ୍ସ୍ୟ ସମ୍ପଦକୁ ବିନିଯୋଗ କରି ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ପ୍ରତିଷ୍ଠା

450 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକ ଜିଲ୍ଲାରେ ଉତ୍ପାଦିତ ମତ୍ସ୍ୟ ସମ୍ପଦକୁ ବିନିଯୋଗ କରି ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଭଦ୍ରକ ଜିଲ୍ଲାରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି

451 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକ ଜିଲ୍ଲାରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

## ଭିତ୍ତିଭୂମିର ମୂଲ୍ୟ ପରିଶୋଧ

452 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଦ୍ୟୁତ୍ ବ୍ୟବସ୍ଥାର ଘରୋଇକରଣ ପ୍ରକ୍ରିୟାରେ ଘରୋଇ କମ୍ପାନୀକୁ ହସ୍ତାନ୍ତରିତ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡର ଭିତ୍ତିଭୂମିର ମୂଲ୍ୟ କମ୍ପାନୀମାନେ ପରିଶୋଧ କଲେଣି କି, ଇତି ମଧ୍ୟରେ କେତେକ ଘରୋଇ କମ୍ପାନୀ ଓହରି ଯାଇଥିବାରୁ ଉକ୍ତ ଟଙ୍କା ଅସୁଲ ହେବ କିପରି, ଏସବୁ କମ୍ପାନୀ ଉପରେ ପାଇକାରୀ ବିଦ୍ୟୁତ୍ ଦେୟ ଏବଂ ବିଶ୍ୱ ବ୍ୟାଙ୍କ ଓ ସରକାରୀ ଗ୍ୟାରେଣ୍ଟରେ ଋଣ ବାବଦରେ କେତେ ଟଙ୍କା ଗଡୁଛି, ବିଦ୍ୟୁତ୍ ସେବାର ଉନ୍ନତିକରଣ ଲାଗି ସରକାର ଘରୋଇକରଣ ପରେ କେତେ ଟଙ୍କା ରାଜକୋଷରୁ ବ୍ୟୟ କରିଛନ୍ତି, (ଖ) ରାଜ୍ୟରେ ସମସ୍ତ ଶ୍ରେଣୀର ବିଦ୍ୟୁତ୍ ଗ୍ରାହକଙ୍କ ସଂଖ୍ୟା କେତେ, ବର୍ତ୍ତମାନ ସୁଦ୍ଧା ରାଜ୍ୟରେ କେତୋଟି ଗ୍ରାମ/ ପଡା ଗ୍ରାମ୍ୟ ବିଦ୍ୟୁତକରଣରୁ ବାଦ ପଡିଛି, ଉକ୍ତ ଗ୍ରାମ ଗୁଡିକୁ କେବେ ସୁଦ୍ଧା ବିଦ୍ୟୁତ୍ ସଂଯୋଗ କରାଯିବ ?

----

## ବଳରାମ ଯୋଜନା ସମ୍ପର୍କରେ ସୂଚନା

453 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- (କ) ରାଜ୍ୟରେ ସମୁଦାୟ ଭାଗଚାଷୀଙ୍କ ସଂଖ୍ୟା କେତେ, ରାଜ୍ୟରେ ଭାଗଚାଷୀମାନଙ୍କୁ ନେଇ କେତୋଟି ମିଳିତ ଦେୟ ଗୋଷ୍ଠୀ ଗଠନ କରାଯାଇ କେତେ ଭାଗଚାଷୀଙ୍କୁ ଏହି ମିଳିତ ଦେୟ ଗୋଷ୍ଠୀ ଜରୀଆରେ କେତେ ଫସଲ ଋଣ ପ୍ରଦାନ କରାଯାଇଛି ଓ ସର୍ବୋପରି ବଳରାମ ଯୋଜନା ସମ୍ପର୍କରେ ବ୍ୟାଙ୍କ ସହିତ ସମସ୍ତ ଭାଗିଦାରୀମାନଙ୍କୁ ସଚେତନ କରାଇବା ପାଇଁ ସରକାରଙ୍କର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବେ କି , (ଖ) ରାଜ୍ୟରେ ଚାଷପୋଯୋଗୀ ଜମିର ପରିମାଣ କେତେ, ଏଯାବତ୍ କେତେ ହେକ୍ଟର ଚାଷ ଜମିକୁ ଜଳସେଚନର ସୁବିଧା ଉପଲବ୍ଧ ହୋଇଛି (ବୃହତ, ମଧ୍ୟମ, ମାଇନର ଜଳସେଚନ, ଉଠା ଜଳସେଚନ, ମେଗା ଲିଫ୍ଟ, ବୋର ୱେଲ, ଅନ୍ୟାନ୍ୟ ଜଳ ଉତ୍ସ) ?

----

## ସମୁଦାୟ ବିଶ୍ୱ ବିଦ୍ୟାଳୟର ସଂଖ୍ୟା

454 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ରାଜ୍ୟରେ ସମୁଦାୟ ବିଶ୍ୱ ବିଦ୍ୟାଳୟ, ଏକକ ବିଶ୍ୱ ବିଦ୍ୟାଳୟ, Autonomous Colleges, +3 Colleges ର ସଂଖ୍ୟା କେତେ ଓ ଏଥିରେ କେତେ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି, କେନ୍ଦ୍ର ନୂତନ ଶିକ୍ଷା ନୀତିକୁ ରାଜ୍ୟ ଗ୍ରହଣ କଲେ ଶିକ୍ଷା ବ୍ୟବସ୍ଥାର କି କି ପରିବର୍ତ୍ତନ ହେବ ତାର ସୂଚନା ଦେବେ କି, ଅଧ୍ୟାପନା ଦାୟୀତ୍ୱରେ ଥିବା ସମସ୍ତ ଅଧ୍ୟାପକଙ୍କ ସଂଖ୍ୟା କେତେ, ଉଚ୍ଚ ଶିକ୍ଷାର ବିସ୍ତାର ଓ GER ବୃଦ୍ଧିପାଇଁ ସରକାର ନୂତନ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଯୋଜନା ଅଛି କି, ଉତ୍ତର ହଁ ହେଲେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଏକକ ବିଶ୍ୱ ବିଦ୍ୟାଳୟକୁ ଉନ୍ନୀତ କରିବାକୁ ନିଷ୍ପତ୍ତି ନେବେ କି ?

----

## PACs/ LAMPs ଆଧୁନିକୀକରଣ

455 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- (କ) ଆସନ୍ତା ଖରିଫ ଋତୁରୁ ଚାଷୀମାନଙ୍କ ସୁବିଧା ପାଇଁ ରାଜ୍ୟରେ ଥିବା PACs/ LAMPs ର ଭିତ୍ତିଭୂମି ସୁଦୃଢ଼ି କରଣ ଓ ଆଧୁନିକୀକରଣ କରିବା ସହିତ ନୂତନ PACs/ LAMPs ପ୍ରତିଷ୍ଠା କରିବା ଓ ଧାନ ମଣ୍ଡିରେ ଚାଷୀ ପାଇଁ ସମସ୍ତ ସୁବିଧା ବ୍ୟବସ୍ଥା କରିବା ପାଇଁ ଆର୍ଥିକ ବରାଦ ସହିତ ଆବଶ୍ୟକୀୟ ପଦକ୍ଷେପ ନେବେ କି , (ଖ) ଚଳିତ ଖରିଫ ସିଜନରେ ରାଜ୍ୟରେ ଧାନ ସଂଗ୍ରହ ଲକ୍ଷ୍ୟ କେତେ ଥିଲା ଓ କେତେ ହାସଲ ହୋଇଛି ?

----

## ଅକ୍ଷୟ ଶକ୍ତି ଉତ୍ପାଦନ ବୃଦ୍ଧି ପାଇଁ ଯୋଜନା

456 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ଅକ୍ଷୟ ଶକ୍ତି ଉତ୍ପାଦନ ବୃଦ୍ଧି କରିବା ପାଇଁ କି କି ଆକର୍ଷଣୀୟ ଯୋଜନା ସରକାର କରିଛନ୍ତି ଓ ଆସନ୍ତା 5 ବର୍ଷରେ ଅକ୍ଷୟ ଶକ୍ତିରୁ କେତେ MW ବିଦ୍ୟୁତ ଉତ୍ପାଦିତ ହୋଇ ପାରିବାର ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି ?

----

## ପ୍ରାଥମିକ ବିଦ୍ୟାଳୟର ନୂତନ କୋଠା ନିର୍ମାଣରେ ବିଳମ୍ବ

457 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ Sorada NAC ଅନ୍ତର୍ଗତ 7ନଂ ୱାର୍ଡରେ ଥିବା ରେମୁଣା ପ୍ରାଥମିକ ବିଦ୍ୟାଳୟ ଯେଉଁ ନୂତନ କୋଠା ନିର୍ମାଣ ହେଉଅଛି ତାହା ବିଳମ୍ବ ହେବାର କାରଣ କଣ, କେବେ ଅର୍ଥ ବରାଦ ରାଜ୍ୟ ସରକାର କରିଛନ୍ତି ତାହା ଜଣାଇବେ କି ?

----

## Regular କରିବା ପାଇଁ ପଦକ୍ଷେପ

458 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟ ସରକାର ସମସ୍ତ +3 College ରେ II Post କିରାଣୀ ମାନଙ୍କର ସରକାର ଭବିଷ୍ୟତ ଉପରେ ପଦକ୍ଷେପ ନେଇଛନ୍ତି ଏବଂ GB ସେମାନଙ୍କୁ ନିଯୁକ୍ତି ଦେଇଥବା ସତ୍ତ୍ୱେ Regular କରିବା ପାଇଁ ଶୀଘ୍ର ପଦକ୍ଷେପ ନେବେ କି ?

----

## R.K. Rice Mill ର ଧାନକ୍ରୟର ପରିମାଣ

459 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଗଞ୍ଜାମ ଜିଲ୍ଲାର Bellaguntha Block ର ଆମ୍ବପୁଆ ଗ୍ରାମ ପଞ୍ଚାୟତରେ ଚଡିଆପଲ୍ଲୀ ଠାରେ R.K. Rice Mill କରାଯାଇଛି ତାହା ସରକାରଙ୍କ ଅଧିନରେ କେତେ ଧାନ କିଣି ଅଛି ଏବଂ ସରକାରଙ୍କୁ କେତେ ଚାଉଳ ଦେଇିଛନ୍ତି ସମ୍ପୂର୍ଣ୍ଣ ତଥ୍ୟ ଜଣାଇବେ କି ?

----

## R.K. Rice ମିଲର ବାକିଥିବା Electric Bill

460 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଗଞ୍ଜାମ ଜିଲ୍ଲାର Bellaguntha Block ଅଧିନସ୍ଥ ଆମ୍ବପୁଆ ଗ୍ରାମ ପଞ୍ଚାୟତରେ ଥିବା ଚଡିଆପଲ୍ଲୀଠାରେ R.K. Rice ମିଲର କେତେ ବିଜୁଳି ଦେୟ ବାକି ଅଛି ସରକାର ଶୀଘ୍ର ଆଦାୟ କରି ଜଣାଇବେ କି, 1.1.21 to ୨.3.22 ମଧ୍ୟରେ କେତେ Electric Bill ବାକି ଅଛି ଜଣାଇବେ କି ?

----

## R.K. Rice Mill ଉପରେ ତଦନ୍ତ

461 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗଞ୍ଜାମ ଜିଲ୍ଲାର Bellaguntha Block ରେ ଆମ୍ବପୁଆ ଗ୍ରାମ ପଞ୍ଚାୟତର ଚଡିଆପଲି R.K. Rice Mill ଚାଉଳ ଖରାପ ରାଜ୍ୟ ସରକାର ତାହା ଉଚ୍ଚ ସ୍ତରୀୟ ତଦନ୍ତ କରି ଜଣାଇବେ କି ?

----

**OAV ରେ ଖାଲିଥିବା Principal Post ପୂରଣ**

462 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ OAV ସର୍ବମୋଟ କେତୋଟିରେ Principal Post ଖାଲିଅଛି ଓ ସେହିପରି ଅନ୍ୟ Teacher Post ଖାଲି ରହିଛି, ଏ ସବୁ କେବେ ସୁଦ୍ଧା ପୂରଣ ହେବ ଜଣାଇବେ କି, (ଖ) MLA ମାନଙ୍କୁ 2ଟି ସ୍ଥାନରେ 4 ଜଣ ଛାତ୍ରଛାତ୍ରୀଙ୍କୁ ସୁପାରିଶ କରିବା ପାଇଁ ବିଭାଗ ଶୀଘ୍ର ବ୍ୟବସ୍ଥା କରିବେ କି ?

----

**ଜନଗଣନା ଅନୁସାରେ Block grant ଅର୍ନ୍ତଭୁକ୍ତ**

463 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- 2010 ମସିହା ପୂର୍ବରୁ ଆରମ୍ଭ ହୋଇଥିବା +2 Higher Secondary School, 2001 ଜନଗଣନା ଭିତ୍ତିରେ ସେହି Block Educationally Backward ହୋଇଥିଲେ ସୁଦ୍ଧା କେଉଁ କାରଣ ପାଇଁ ତାକୁ 2001 ଜନଗଣନା ଭିତ୍ତିରେ ନିଆଯିବ ନାହିଁ, କର୍ଲାମୁଣ୍ଡା ବ୍ଲକର +2 Higher Secondary School ଓ ସେହି ବ୍ଲକର ତେରେସିଙ୍ଗା +2 , 2001 ଜନଗଣନା ଅନୁସାରେ Block grant ଅର୍ନ୍ତଭୁକ୍ତ କରିବେ କି ?

----

**କଲେଜର ଜମିକୁ Encroach Free କରାଇବା ପାଇଁ ବ୍ୟବସ୍ଥା**

464 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଭବାନୀପାଟଣା ବିଶ୍ୱବିଦ୍ୟାଳୟ ସଂପ୍ରସାରଣ କରିବା ପାଇଁ କଲେଜର ଜମିକୁ Encroach Free କରାଇବା ପାଇଁ କି ବ୍ୟବସ୍ଥା କରାଯାଇଅଛି, (ଖ) ଇନଫ୍ରାଷ୍ଟ୍ରକଚର development ପାଇଁ କେତେ ଅର୍ଥର proposal ବିଭାଗ ପାଇଛନ୍ତି?

----

**ନୂତନ ଭାବରେ +2 ମହାବିଦ୍ୟାଳୟ ଖୋଲିବା ପାଇଁ କଟକଣା**

465 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- (କ) ନୂତନ ଭାବରେ +2 ମହାବିଦ୍ୟାଳୟ (Higher Secondary School) ଖୋଲିବା ପାଇଁ କଟକଣା ରହିବାର କାରଣ କଣ, (ଖ) Arts and Commerce ରେ ଚାଲୁଥିବା Higher Secondary School କୁ ନୂତନ subject ଖୋଲିବା ପାଇଁ କଟକଣା ଯଦି ଅଛି ତାକୁ ଶିଘ୍ର ଉଠେଇବେକି?

----

## Regional Director ଅଫିସ ସଂପର୍କରେ

466 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା)ː**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- +2 Higher Secondary School ତଦାରଖ କରିବା ପାଇଁ ରାଜ୍ୟରେ କେଉଁ କେଉଁଠାରେ Regional Director ଖୋଲାଯାଇଅଛି ଜଣାଇବେ କି ଓ ଉକ୍ତ ଅଫିସଗୁଡିକ କେବେଠାରୁ କାର୍ଯ୍ୟ ଆରମ୍ଭ କରିଛନ୍ତି ?

----

## ଶିକ୍ଷାନୁଷ୍ଠାନରୁ ବିଦ୍ୟୁତ ବକେୟା ବିଲ ଆଦାୟ ପାଇଁ ପଦକ୍ଷେପ

467 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା)ː**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ରାଜ୍ୟରେ ଥିବା ସରକାରୀ ଓ ଘରୋଇ ଶିଳ୍ପୋଦ୍ୟୋଗୀଙ୍କ ଉପରେ କେତେ ଟଙ୍କାର ବିଦ୍ୟୁତ ବିଲ ବାକି ପଡିଛି, ବର୍ଦ୍ଧିତ ବିଦ୍ୟୁତ ଦର ବୋଝ ଯୋଗୁଁ କେତେ ଶିଳ୍ପରେ ଉତ୍ପାଦନ ବନ୍ଦ ରହିଛି ଓ ସେଗୁଡିକୁ ପୁନଃ ଉତ୍ପାଦନକ୍ଷମ କରାଇବା ଦିଗରେ ସରକାରଙ୍କ ପଦକ୍ଷେପ କଣ ଶିଳ୍ପୱାରୀ ତାଲିକା ସହ ଜଣାଇବେ କି ?

----

## ଧାନ ବିକ୍ରୟ ସଂପର୍କରେ ତଥ୍ୟ ପ୍ରଦାନ

468 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା)ː**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ଚାଷୀଙ୍କ ଠାରୁ ଧାନକିଣା ବାବଦରେ ପ୍ରାଥମିକ କୃଷି ସମବାୟ ସମିତି (PACS) ଓ ବୃହଦାକାର ବହୁମୁଖୀ ପ୍ରାଥମିକ ସମିତି (LAMPS) କ୍ୱିଣ୍ଟାଲ ପିଛା କେତେ ଟଙ୍କା ପରିଚାଳନା ଫି ପାଉଛନ୍ତି ଏବଂ ସେ ବାବଦରେ ସମବାୟ ସଂସ୍ଥା ଏପର୍ଯ୍ୟନ୍ତ ମୋଟ କେତେ ଟଙ୍କା ଆୟ କରିଛନ୍ତି, ସେହି ଅର୍ଥ କେଉଁ କାମ ପାଇଁ ଉଦ୍ଦିଷ୍ଟ ଓ ସେଥିରୁ କେତେ ଟଙ୍କା ବିନିଯୋଗ ହୋଇଛି ଜିଲ୍ଲାୱାରୀ ତଥ୍ୟ ଦେବେ କି ?

----

## ସାର ଓ କୀଟନାଶକ ସାମଗ୍ରୀର କଳାବଜାରୀ

469 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା)ː**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ଗତ 5 ବର୍ଷରେ ଖରିଫ ଓ ରବି ଚାଷ ପାଇଁ ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ କେତେରୁ କେତେକୁ ବଢ଼ିଛି, କେଉଁ କେଉଁ ବର୍ଷ କେନ୍ଦ୍ରରୁ ଆବଶ୍ୟକ ପରିମାଣର ସାର ଓ କୀଟନାଶକ କେତେ କମ ମିଳିଛି ଏବଂ ରାଜ୍ୟର କେଉଁ ଘରୋଇ ସଂସ୍ଥାଙ୍କ ଦ୍ୱାରା ଅଭାବ ପୂରଣ କରାଯାଇଛି ଜିଲ୍ଲାୱାରୀ ତଥ୍ୟ ଦେବା ସହ ସାର ଓ କୀଟନାଶକ ଯୋଗାଣକାରୀ ସଂସ୍ଥାକୁ ଚୟନ କରିବା ପାଇଁ ଟେଣ୍ଡର କରାଯାଇଥିଲା କି ନାହିଁ ଜଣାଇବେକି, ଗତ 5 ବର୍ଷରେ ଏହି ସାମଗ୍ରୀର କଳାବଜାରୀଙ୍କ ମଧ୍ୟରୁ କେତେଜଣ ଧରାପଡିଛନ୍ତି ସବିଶେଷ ତଥ୍ୟ ଦେବେକି?

----

## ବିଦ୍ୟୁତ କ୍ରୟ ସଂପର୍କରେ

470 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ସ୍ୱାକ୍ଷରିତ ବିଦ୍ୟୁତ କିଣା ଚୁକ୍ତି(PPA) ଅନୁଯାୟୀ ରାଜ୍ୟର କେଉଁ କେଉଁ ବିଦ୍ୟୁତ ଉତ୍ପାଦନକାରୀ ସଂସ୍ଥା(IPP) ଠାରୁ ରାଜ୍ୟ କୋଟା ହିସାବରେ କେତେ ବିଦ୍ୟୁତ କେଉଁ ମୂଲ୍ୟରେ ମିଳିବା ସର୍ତ୍ତ ରହିଛି,ସେଥିରୁ ଗ୍ରୀଡ କେଉଁ ବର୍ଷରେ କେତେ ବିଦ୍ୟୁତ୍ କିଣିଛି ଓ ଧାର୍ଯ୍ୟ କୋଟାରୁ କେତେ ବିଦ୍ୟୁତ୍ ହାତଛଡା କରିଛି ବର୍ଷୱାରୀ ତଥ୍ୟ ଦେବେକି?

----

## ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ

471 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ପ୍ରତିଯୋଗୀତା ନୀତିରେ ବିଦ୍ୟୁତ୍ ମୂଲ୍ୟ ଧାର୍ଯ୍ୟ ନହୋଇ ବରଂ ବର୍ଷକୁ ବର୍ଷ ତାହା ବଢୁଥିବାରୁ ରାଜ୍ୟର ଅନେକ ଶିଳ୍ପ ସଂସ୍ଥା ଖୋଲା ବଜାରରୁ କିଣୁଥିବା ବିଦ୍ୟୁତ 11000 ନିୟୁତ ୟୁନିଟକୁ ଟପିଲାଣି ଏହାକୁ ହିସାବକୁ ନନେଇ ରାଜ୍ୟ 7000 ନିୟୁତ ୟୁନିଟ ବିଦ୍ୟୁତ ବଳକା ବୋଲି ଗ୍ରୀଡକୋ ଦର୍ଶାଇଛି ଓ ନିୟାମକ ଆୟୋଗ ତାହାକୁ ମାନି ନେଉଛନ୍ତି, ଏଥିରୁ ମନ୍ଦ ଫାଇଦା ଉଠାଇ ଗ୍ରୀଡକୋ ଚୁକ୍ତିବଦ୍ଧ IPP ଗୁଡିକରୁ ରାଜ୍ୟ କୋଟା ଶସ୍ତା ବିଦ୍ୟୁତ୍ ନ କିଣି ଅନ୍ୟାନ୍ୟ ସୂତ୍ରରୁ ଅଧିକ ଦାମରେ କିଣିବା ଫଳରେ IPP ଗୁଡିକ ଫାଇଦା ପାଉଛନ୍ତି ଓ ବର୍ଦ୍ଧିତ ବିଦ୍ୟୁତ ଦର ବୋଝ ଗ୍ରାହକ ମୁଣ୍ଡାଉଛନ୍ତି ଏହି ଅଭିସନ୍ଧିରେ ସାମିଲ ଅସାଧୁ ମେଣ୍ଟ ସଂପର୍କରେ ସରକାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ କରିବେ କି ?

----

## SCS ମାନଙ୍କୁ ନୟାଗଡ ସେଣ୍ଟ୍ରାଲ କୋଅପରିଟିଭ୍ ବ୍ୟାଙ୍କ ଅଧିନକୁ ନେବା ପାଇଁ ବ୍ୟବସ୍ଥା

472 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରଣପୁର ବ୍ଲକରେ ଥିବା Service Co-operative Society ଗୁଡିକୁ Khordha Central Co-operative ଅଧିନରୁ ନୟାଗଡ ସେଣ୍ଟ୍ରାଲ କୋଅପରିଟିଭ୍ ବ୍ୟାଙ୍କ ଅଧିନକୁ ନେବା ପାଇଁ ଜନସାଧାରଣ ବହୁ ଦିନରୁ ଦାବୀ କରି ଆସୁଥିବାରୁ ନୟାଗଡ ଜିଲ୍ଲାରେ ଖୋର୍ଦ୍ଧା ସେଣ୍ଟ୍ରାଲ କୋଅପରିଟିଭ୍ ବ୍ୟାଙ୍କ ଅଧିନରେ ଥିବା ସମସ୍ତ SCS ମାନଙ୍କୁ ନୟାଗଡ ସେଣ୍ଟ୍ରାଲ କୋଅପରିଟିଭ୍ ବ୍ୟାଙ୍କ ଅଧିନକୁ ନେବା ପାଇଁ ସରକାରୀସ୍ତରରେ ବ୍ୟବସ୍ଥା କରିବେକି?

----

## L.I. Centre ଖୋଲିବାକୁ ବ୍ୟବସ୍ଥା

473 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରଣପୁର ବ୍ଲକର ବ୍ରଜରାଜପୁର ପଂଚାୟତ ଅଧିନରେ 12ଗୋଟି ଗ୍ରାମ ଥିଲାବେଳେ ଉକ୍ତ ପଂଚାୟତରେ ପଶୁ ସଂପଦର ଚିକିତ୍ସା ପାଇଁ L.I. Centre ନଥିବାରୁ ଅଞ୍ଚଳବାସୀ ପଶୁ ସଂପଦର ଚିକିତ୍ସା ପାଇଁ ହଇରାଣ ହରକତ ହୋଇଥାନ୍ତି ଏଣୁ ସରକାର ବ୍ରଜରାଜପୁର ପଂଚାୟତରେ ଗୋଟିଏ L.I. Centre ଖୋଲିବା ପାଇଁ ନିର୍ଦ୍ଦେଶ ଦେବେକି?

----

## Bio-Floc ମାଧ୍ୟମରେ ଯୁବକ ଯୁବତୀମାନଙ୍କୁ ରୋଜଗାରକ୍ଷମ କରିବାକୁ ପଦକ୍ଷେପ

474 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନମଣ୍ଡଳୀର ବେକାର ଯୁବକ ଯୁବତୀମାନଙ୍କୁ ରୋଜଗାରକ୍ଷମ କରିବାକୁ Bio-Floc ପ୍ରଣାଳୀରେ ମାଛ ଚାଷ କରିବା ପାଇଁ ସୁଯୋଗ ଦେବା ବିଷୟରେ ପଚାରିଥିବା ଅଣତାରକା ପ୍ରଶ୍ନ ନଂ ୨୧୧ ତା. ୫.୨.2021ର ଉତ୍ତରରେ ଜଣାଇଥିଲେ କି ରଣପୁର ନିର୍ବାଚନ ମଣ୍ଡଳୀର ୨ ଜଣଙ୍କୁ ରୋଜଗାରକ୍ଷମ କରିବା ପାଇଁ ତାଲିମ ଦିଆଯାଇଛି ଓ ସେମାନେ 22 ଗୋଟି Bio-Floc Tank ସ୍ଥାପନ କରିଛନ୍ତି ରଣପୁର ନିର୍ବାଚନମଣ୍ଡଳୀରେ ବହୁତ ସଂଖ୍ୟରେ ବେକାର ଯୁବକ ଯୁବତୀ ଥିବାରୁ ଏହି ପ୍ରଣାଳୀରେ ଅଧିକରୁ ଅଧିକ ଆଗ୍ରହୀ ବେକାର ଯୁବକ ଯୁବତୀମାନଙ୍କୁ ସାମିଲ କରି ରୋଜଗାରକ୍ଷମ କରିବା ପାଇଁ ସରକାରୀସ୍ତରରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେକି?

----

## 25 K.V. ଟ୍ରାନ୍ସଫରମର ସ୍ଥାପନ

475 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନମଣ୍ଡଳୀର ଅନେକ ଗ୍ରାମରେ 10 K.V. କିମ୍ବା 25 K.V. ଟ୍ରାନ୍ସଫରମର ସ୍ଥାପନ କରାଯାଇଥିବା ଯୋଗୁଁ ବିଦ୍ୟୁତ କାଟ ଓ Low voltage ସମସ୍ୟା ପାଇଁ ଜନସାଧାରଣ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏଣୁ ରଣପୁର ନିର୍ବାଚନମଣ୍ଡଳୀରେ ସ୍ଥାପନ କରାଯାଇଥିବା 10 K.V. କିମ୍ବା 25 K.V. ଟ୍ରାନ୍ସଫରମର ଗୁଡିକୁ upgrade କରି 65 K.V. କିମ୍ବା 100 K.V. ଟ୍ରାନ୍ସଫରମର ସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେବେକି?

----

## ICT ସଂଯୋଜକମାନଙ୍କୁ ନିଯୁକ୍ତି

**476 ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶାରେ ପୂର୍ବତନ ICT ସ୍କୁଲ ସଂଯୋଜକମାନଙ୍କୁ ପୁନଃ ନିଯୁକ୍ତି ଦେଇ ଥଇଥାନ କରିବା ସହିତ ସ୍କୁଲମାନଙ୍କରେ computer ଶିକ୍ଷା ଜାରି ରଖିବା ବିଷୟରେ ପଚାରିଥିବା ପ୍ରଶ୍ନ ନଂ UD 815 dated 24.02.2021 ର ଉତ୍ତରରେ ସରକାର ଜଣାଇଥିଲେ କି ସ୍କୁଲମାନଙ୍କରେ Subject Teacher ମାନଙ୍କର computer ଜ୍ଞାନ ବୃଦ୍ଧି କରାଯାଇଛି ଓ Subject Teacher ମାନେ ଛାତ୍ରଛାତ୍ରୀମାନଙ୍କୁ computer ଶିକ୍ଷା ଦେଉଛନ୍ତି, ମାତ୍ର ବାସ୍ତବରେ ସ୍କୁଲମାନଙ୍କରେ computer ଶିକ୍ଷା ବନ୍ଦ ହୋଇଯାଇଥିବା ସହିତ computer ଗୁଡିକ ଅବ୍ୟବହୃତ ହୋଇ ପଡିରହିଛି, ଏଣୁ ସରକାର ସହୃଦୟତାର ସହିତ ବିଚାର କରି ପୂର୍ବତନ ICT ସ୍କୁଲ ସଂଯୋଜକମାନଙ୍କୁ ନିଯୁକ୍ତି ଦେଇ ଥଇଥାନ କରିବା ସହିତ ସ୍କୁଲମାନଙ୍କରେ computer ଶିକ୍ଷା ଜାରି ରଖିବା ପାଇଁ ନିର୍ଦ୍ଦେଶ ଦେବେକି?

----

## ପ୍ରଶାସନିକ ବ୍ୟବସ୍ଥା ସଂପର୍କରେ

**477 ଶ୍ରୀ ଭବାନୀ ଶଙ୍କର ଭୋଇ (ତଲସରା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭାରତୀୟ ସଂବିଧାନ ଅନୁସାରେ ଓଡିଶା ସରକାରଙ୍କର ପ୍ରତି ବିଭାଗରେ ଶାସନ ଚାଲିଛିକି, ଯଦି ଚାଲିଛି ତେବେ integration ନାମରେ ଉଚ୍ଚଶିକ୍ଷା ବିଭାଗରେ ଗୋଟିଏ ପ୍ରକାର ପ୍ରଶାସନିକ ନିୟମ ଅନୁସରଣ କରାଯାଉଥିବାବେଳେ ସମଗ୍ର ରାଜ୍ୟରେ ଅନ୍ୟ କେତୋଟି ବିଭାଗ ଓ ସେହି ବିଭାଗରେ Head of the Department ଭାବେ ନିର୍ଦ୍ଦେଶକମାନେ ଅଛନ୍ତି ସେଠାରେ କିପରି ବିଗତ 2 ବର୍ଷରୁ ଉର୍ଦ୍ଧ୍ୱ କାଳ ଧରି ଅନ୍ୟ ଗୋଟିଏ ପ୍ରଶାସନିକ ବ୍ୟବସ୍ଥା ଅନୁସୃତ ହେଉଛି, ସରକାରଙ୍କ ନିୟମ ଅନୁସାରେ ସରକାରୀ କର୍ମଚାରୀମାନେ ଗ୍ରେଡ ପେ ପାଉଥିବାବେଳେ କିପରି ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟରେ କାର୍ଯ୍ୟରତ ବ୍ୟକ୍ତିଗତ ସଚିବମାନେ ପାଉନାହାଁନ୍ତି ସରକାର ଏ ଦିଗରେ ତୁରନ୍ତ ଦୃଷ୍ଟିଦେବେକି?

----

## ଶୀତଳ ଭଣ୍ଡାର ସ୍ଥାପନ

**478 ଶ୍ରୀ ଭବାନୀ ଶଙ୍କର ଭୋଇ (ତଲସରା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ସମୁଦାୟ 2000 ରୁ 2021 କେତୋଟି ଶୀତଳ ଭଣ୍ଡାର ସ୍ଥାପିତ ହୋଇଛି ବର୍ତ୍ତମାନ କେତେ ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ, ସେଥିମଧ୍ୟରୁ କେତୋଟି ଆଳୁ ମିଶନ ଅଧିନରେ ହୋଇଛି ଏବାବଦରେ କେତେ ଅର୍ଥ ବ୍ୟୟ ହୋଇଛି ମିଶନ ପୂର୍ବରୁ ଓ ପରେ କେତେ ପରିମାଣରେ ଆଳୁ ଉତ୍ପାଦନ ହେଉଛି ଏହାର ବର୍ଷ ଓ ଜିଲ୍ଲାୱାରୀ ତଥ୍ୟ ଦେବେକି?

----

## ଯୋଗ୍ୟହିତାଧିକାରୀଙ୍କ ବିବରଣୀ

479 **ଶ୍ରୀ ଭବାନୀ ଶଙ୍କର ଭୋଇ (ତଳସରା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କାଳିଆ ଓ ପ୍ରଧାନମନ୍ତ୍ରୀ କିଶାନ ଯୋଜନାରେ ଯୋଗ୍ୟହିତାଧିକାରୀ ଚିହ୍ନଟ ପ୍ରକ୍ରିୟା କଣ ମାପଦଣ୍ଡ, କେତେ ସଂଖ୍ୟକ ଯୋଗ୍ୟହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିଲା କେଉଁ ଯୋଜନାରେ କେତେ ସଂଖ୍ୟକ ଯୋଗ୍ୟହିତାଧିକାରୀ କେଉଁ ବର୍ଷରେ କେତେ ଆର୍ଥିକ ସହାୟତାରୁ ବଂଚିତ ହୋଇଛନ୍ତି ତାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ବ୍ୟାଙ୍କଗୁଡିକୁ ଲାଭଜନକ କରିବା ପାଇଁ ପଦକ୍ଷେପ

480 **ଶ୍ରୀ ଭବାନୀ ଶଙ୍କର ଭୋଇ (ତଳସରା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେଉଁ କେଉଁ ଜିଲ୍ଲାରେ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ ଥିବାବେଳେ ତନ୍ମଧ୍ୟରୁ ବିଗତ 10 ବର୍ଷରେ କେଉଁ ବ୍ୟାଙ୍କଗୁଡିକ କେତେ ଲାଭ ଓ କ୍ଷତି କରିଛନ୍ତି ଦର୍ଶାଇ ଏହି ବ୍ୟାଙ୍କଗୁଡିକୁ ଲାଭଜନକ କରିବା ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି?

----

## ଜିଲ୍ଲା ମଧ୍ୟରେ ଶିକ୍ଷକଙ୍କୁ ଅନ୍ୟ ସ୍କୁଲକୁ ପଠାଇବା ସଂପର୍କରେ

481 **ଶ୍ରୀ ଭବାନୀ ଶଙ୍କର ଭୋଇ (ତଳସରା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜିଲ୍ଲା ମଧ୍ୟରେ ଶିକ୍ଷକଙ୍କୁ ଡେପୁଟେସନରେ ଅନ୍ୟ ସ୍କୁଲକୁ ପଠାଇବା କାମ DEO ଙ୍କର ନା Director ଙ୍କର, ଯଦି ଉତ୍ତର DEO ହୁଏ ଯେଉଁ DEO ଉକ୍ତ କାମ ନକରି Director ଙ୍କ ଠାରୁ ଆଦେଶ କରାଇବା ପାଇଁ କହିବା ଠିକ୍ କି, Director ଙ୍କ ଆଦେଶକୁ କେତେ ଦିନ ଭିତରେ DEO କାର୍ଯ୍ୟକାରୀ କରିବା କଥା, ଯଦି ସମୟ ଧାର୍ଯ୍ୟଠାରୁ ଅଧିକ ସମୟ ନିଅନ୍ତି, ସେଥିପ୍ରତି ବିଭାଗୀୟ କାର୍ଯ୍ୟାନୁଷ୍ଠାନ କଣ ଅଛିକି?

----

## ଢେଙ୍କାନାଳ ଜିଲ୍ଲାରେ ଶ୍ରୀପଦ୍ଧତିରେ ଧାନ ଚାଷ

482 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଢେଙ୍କାନାଳ ଜିଲ୍ଲାରେ ବିଗତ ତିନି ବର୍ଷରେ କେତେ ଜମିରେ ଶ୍ରୀପଦ୍ଧତିରେ ଧାନ ଚାଷ ହୋଇଛି ପ୍ରକାଶକରି ଜିଲ୍ଲାରେ ଶ୍ରୀପଦ୍ଧତିରେ ଧାନ ଚାଷ ପାଇଁ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଉଷୁନା ଚାଉଳ ସଂଗ୍ରହ ପାଇଁ ପଦକ୍ଷେପ

483 ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ)ଃ

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରୁ ଉଷୁନା ଚାଉଳ ସଂଗ୍ରହ ପାଇଁ ଭାରତୀୟ ଖାଦ୍ୟ ନିଗମ ଆଗ୍ରହ ପ୍ରକାଶ କରୁନଥିବା କଥା ସତ୍ୟ କି; ଉତ୍ତର 'ହଁ' ହେଲେ ଉଷୁନା ଚାଉଳ ସଂଗ୍ରହ ନିମନ୍ତେ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ

484 ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ)ଃ

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟର କେଉଁ ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟରେ ମଞ୍ଜୁରୀପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି, ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଢ଼େଙ୍କାନାଳ ଜିଲ୍ଲାରେ ଖାଲିଥିବା ଅଧ୍ୟାପକ ପଦବୀ ପୂରଣ

485 ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ)ଃ

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଢ଼େଙ୍କାନାଳ ଜିଲ୍ଲାର କେଉଁ ସରକାରୀ ଓ ସରକାରୀ ଅନୁଦାପ୍ରାପ୍ତ ମହାବିଦ୍ୟାଳୟରେ ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି, ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ବନ୍ଦଥିବା ଭାରୀଶିଳ୍ପର ପୁନଃ କାର୍ଯ୍ୟକ୍ଷମ

486 ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ)ଃ

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଢେଙ୍କାନାଳ ଜିଲ୍ଲାରେ ପ୍ରତିଷ୍ଠିତ କେଉଁ କେଉଁ ଭାରୀଶିଳ୍ପ କେବେଠାରୁ ବନ୍ଦ ଅଛି, ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## Institute of Entrepreneurship Development ର ସ୍ଥିତି

487 ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା)ଃ

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟର Unemployed ଯୁବକ ଓ ଯୁବତୀ ମାନଙ୍କୁ ଆତ୍ମନିର୍ଭରଶୀଳ ହେବାପାଇଁ ଉଦ୍ୟୋଗୀ ରୂପେ ଗଢ଼ିବା ନିମନ୍ତେ MSME ବିଭାଗର ପ୍ରଶାସନିକ Control ରେ ଥିବା ଓ ସରକାରଙ୍କ ଦ୍ୱାରା ପରିଚାଳିତ ରାଜ୍ୟର ଏକମାତ୍ର Institute of Entrepreneurship Development, Govt. of Odisha ର ବର୍ତ୍ତମାନ ସ୍ଥିତି ସହ, Staff Strength କେତେ ଓ କେଉଁ ପଦବୀ ପାଇଁ କେତେ ସଂଖ୍ୟକ ପଦ ଖାଲି ଅଛି ଏହି ସଂସ୍ଥାର ନିଜସ୍ୱ Manpower ନ ଥାଇ ଉଦ୍ୟୋଗୀ ଗଢିବାରେ କିପରି ସହାୟକ ହେଉଛନ୍ତି, ବର୍ତ୍ତମାନର ଯୁଗୋପଯୋଗୀ କରିବାପାଇଁ IED Odisha ର Restructuring କରିବାରେ ସରକାରଙ୍କ ଆପତ୍ତି ଅଛି କି ଯଦି ଉତ୍ତର 'ନା' ହୁଏ ତେବେ କେବେ ସୁଦ୍ଧା IED Odisha ରେ ନୂତନ Staff ନିଯୁକ୍ତି କରିବା ସହ ଜିଲ୍ଲାସ୍ତରରେ ତାର Branch ଗଢ଼ି Entrepreneurship Development Programme ଜରିଆରେ ଯୁବକ ଯୁବତୀଙ୍କୁ ଆତ୍ମନିର୍ଭରଶୀଳ କରିବାପାଇଁ ସରକାର ପଦକ୍ଷେପ ନେବେ ?

----

## School ର ଅନୁଦାନ

488 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଷୋଡ଼ଶ ବିଧାନସଭାର ଅଣତାରକା ପ୍ରଶ୍ନ ସଂଖ୍ୟା 54/ ତା 01 . 12 . 2021 ର ଉତ୍ତରରେ ସରକାରଙ୍କ ସ୍ୱୀକାରୋକ୍ତି ଅନୁଯାୟୀ ବିଦ୍ୟାଳୟ ଅନୁଦାନ ପ୍ରଦାନ ନିମନ୍ତେ କାଗଜପତ୍ର ଯାଞ୍ଚ ପ୍ରକ୍ରିୟା ପାଇଁ 5T ଅନୁଯାୟୀ କୌଣସି ସମୟସୀମା ଧାର୍ଯ୍ୟ କରାନଯିବା ମାନେ, ଦୁର୍ନୀତିକୁ ପ୍ରଶ୍ରୟ ଦେବାପାଇଁ ପ୍ରୋତ୍ସାହିତ କରୁନାହିଁ କି; ଯଦି ଉତ୍ତର 'ନା' ହୁଏ ତେବେ ବଲାଙ୍ଗିର ଜିଲ୍ଲା ପୁଇନ୍ତଳା ବ୍ଲକ ଅନ୍ତର୍ଗତ ବହଲପଦର ଗ୍ରାମର Damayanti U.P. ( ME) School ର ଅନୁଦାନ ନିମନ୍ତେ ଅର୍ଥ ବିଭାଗକୁ ପ୍ରେରଣ କରାଯାଇଥିବା ପ୍ରସ୍ତାବର ତଥ୍ୟ ଉପସ୍ଥାପନ କରି କେଉଁ ପ୍ରକାର ପଦକ୍ଷେପ ନେଲେ ଅର୍ଥ ବିଭାଗର ଅନୁମୋଦନ ମିଳିବା ସହଜ ଓ ଶୀଘ୍ର ହେବ ଅବଗତି ନିମନ୍ତେ ତଥ୍ୟ ପ୍ରଦାନ କରିବେ କି ?

----

## ଉତ୍ପାଦନ କରିଥିବା ଧାନର ପରିମାଣ

489 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) 2021-22 ଖରିଫ ଋତୁରେ ରାଜ୍ୟରେ କେତେଜଣ ଚାଷୀ କେତେ ପରିମାଣ ଜମିରେ ଚାଷ କରି କେତେ କ୍ୱିଣ୍ଟାଲ ଧାନ ଉତ୍ପାଦନ କରିଥିଲେ ଓ କେତେ କ୍ୱିଣ୍ଟାଲ ବଳକାଧାନକୁ ବିକ୍ରୟ କରିବା ପାଇଁ ପଞ୍ଜିକୃତ ଚାଷୀମାନଙ୍କୁ ସରକାର ଅନୁମୋଦନ କରିଥିଲେ, ଜିଲ୍ଲାୱାରୀ ତଥ୍ୟ ସହ ଏହି ପଞ୍ଜିକୃତ ଚାଷୀମାନଙ୍କର ପାଇଁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ବଳକାଧାନ ମଧ୍ୟରୁ କେତେଚାଷୀ ଟୋକନ ପାଇବା ସତ୍ତ୍ୱେ କେତେ ପରିମାଣ ଧାନ ବିକ୍ରୟ କରିପାରିଲେ ନାହିଁ; (କ) ଲୋଇସିଂହା ନିର୍ବାଚନ ମଣ୍ଡଳୀରେ 2021- 22 ଖରିଫ ଋତୁରେ କେଉଁ କେଉଁ ଚାଷୀମାନଙ୍କଠାରୁ ସରକାର କେତେ ପରିମାଣର ବଳକା ଧାନ କ୍ରୟକଲେ ଓ କେଉଁ କେଉଁ ଚାଷୀ ପଞ୍ଜିକୃତ ହେବା ସତ୍ତ୍ୱେ କେତେ ପରିମାଣର ଧାନ ବିକ୍ରୟ କରିପାରିଲେ ନାହିଁ ବ୍ଲକୱାରୀ ଓ PACS ୱାରୀ ସମ୍ପୂର୍ଣ୍ଣ ବିବରଣୀ ସହ ଚାଷୀଙ୍କ ତାଲିକା ଦେବେ କି ?

----

## Lemon Grass ଚାଷ

490 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଲାଙ୍ଗିର ଜିଲ୍ଲାର ଲୋଇସିଂହା ନିର୍ବାଚନ ମଣ୍ଡଳୀରେ ମୃତ୍ତିକା ସଂରକ୍ଷଣ ବିଭାଗର ProperSupervision/ Monitoring ରେ MGNREGA Scheme ରେ କେତେ ପାଣ୍ଠି ବିନିଯୋଗ କରି କେତେ ଏକର ଜମିରେ କେଉଁ କେଉଁ ଚାଷୀମାନଙ୍କଦ୍ୱାରା Lemon Grass ଚାଷ କରାଯାଇଛି Distillation Plant ନ ଥିବାରୁ 2018 -19 ରୁ 2020-21 ମଧ୍ୟରେ Lemon Grass ଚାଷକରି ଚାଷୀମାନେ କ୍ଷତି ସହିଥିବା ତଥ୍ୟ କୃଷିବିଭାଗ ପାଖରେ ଥିବାସତ୍ତ୍ୱେ ଷୋଡ଼ଶ ବିଧାନସଭାର ପ୍ରଶ୍ନ ସଂଖ୍ୟା ୨୪/ 01.12.2021 ରେ ସରକାର MGNREGA ଯୋଜନାରେ କୃଷି ବିଭାଗର ଦୁର୍ନିତୀର କାଳେ ପର୍ଦ୍ଦାଫାସ ହୋଇଯିବ ତେଣୁ ବଲାଙ୍ଗିର ଜିଲ୍ଲାର Lemon Grass ଚାଷ ସମ୍ବନ୍ଧୀୟ ବିବରଣୀ ଦେବାପାଇଁ ନିରୁତ୍ତର ହେଲେ କି; ଯଦି ଉତ୍ତର 'ନା' ହୁଏ ତେବେ ଚାଷୀମାନଙ୍କୁ ଉତ୍ସାହିତ କରିବାପାଇଁ MGNREGA ଯୋଜନାରେ ବିପୁଳ ପରିମାଣ ଅର୍ଥ ଖର୍ଚ୍ଚକରି ଲୋଇସିଂହା ନିର୍ବାଚନ ମଣ୍ଡଳୀରେ Lemon Grass ଚାଷର ଅସଫଳତା ଉପରେ ଜିଲ୍ଲା ପ୍ରଶାସନ MGNREGA ର ଜିଲ୍ଲା OMBUDSMAN ଙ୍କ କ୍ଷେତ୍ର ପ୍ରଦର୍ଶନର ବିଶେଷ ତଥ୍ୟ ଉପସ୍ଥାପନ କରିବେ କି ?

----

## ଡ଼ିଗ୍ରୀ ହାସଲ କରିଥିବା ଛାତ୍ର ଛାତ୍ରୀଙ୍କ ସଂଖ୍ୟା

491 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟର ପଶ୍ଚିମ ଓଡ଼ିଶାସ୍ଥିତ ଏକମାତ୍ର ମୁକ୍ତ ବିଶ୍ୱବିଦ୍ୟାଳୟକୁ ବନ୍ଦ କରିବା ଆଶଙ୍କା ସମ୍ବନ୍ଧରେ ପ୍ରକାଶିତ ତଥ୍ୟ ମିଥ୍ୟା କି; ଯଦି ଉତ୍ତର 'ନା' ହୁଏ ତେବେ ସରକାର ଏହି ତଥ୍ୟ ଉପରେ ଉଚ୍ଚ ଶିକ୍ଷାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସହ ପ୍ରକାଶିତ ଅଭିଯୋଗ ବିଷୟରେ ତଥ୍ୟ ଦେଇ ସ୍ପଷ୍ଟୀକରଣ ଦେବେ କି; (ଖ) ରାଜ୍ୟମୁକ୍ତ ବିଶ୍ୱ ବିଦ୍ୟାଳୟ ଓ ଉତ୍କଳ ବିଶ୍ୱ ବିଦ୍ୟାଳୟର ଦ୍ୱାରା ନିରନ୍ତର ଶିକ୍ଷା ପ୍ରତିଷ୍ଠା ହେବା ଦିନଠାରୁ କେଉଁ କେଉଁ ବିଷୟରେ କେତେ ସଂଖ୍ୟକ ଛାତ୍ର ଛାତ୍ରୀ Enrollment ହୋଇ କେତେଜଣ ଅଦ୍ୟାବଧି ଡ଼ିଗ୍ରୀ ହାସଲ କରିଛନ୍ତି ବର୍ଷୱାରୀ ଓ ଜିଲ୍ଲାୱାରୀ ତଥ୍ୟ ସହ ଉଭୟ ବିଶ୍ୱ ବିଦ୍ୟାଳୟର ଏକ ତୁଳନାତ୍ମକ ବିବରଣୀ ଉପସ୍ଥାପନ କରିବେ କି ?

----

## ପୁଞ୍ଜିନିବେଶ ନିମନ୍ତେ ପାଇ ଆସୁଥିବା ପ୍ରକଳ୍ପ ସଂଖ୍ୟା

492 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଓଡ଼ିଶା ପୁଞ୍ଜିନିବେଶ ପ୍ରସ୍ତାବ ଆକର୍ଷିତ କରିବାରେ ଦେଶରେ ପ୍ରମୁଖ ସ୍ଥାନ ଅଧିକାର କରିଥିବା ସତ୍ତ୍ୱେ 2019 ରେ "ଇଜ ଅଫ ଡୁଇଂ ବିଜିନେସ" ତାଲିକାରେ 29 ତମ ସ୍ଥାନକୁ ଖସିବା ଏବଂ 2015 ପରଠାରୁ କ୍ରମାଗତ ଭାବେ ଖରାପ ପ୍ରଦର୍ଶନ କରିବା ପଛରେ କି କି କାରଣମାନ ରହିଛି କହିବେ କି; 2015 ମସିହାରୁ ଓଡ଼ିଶା ପୁଞ୍ଜିନିବେଶ ନିମନ୍ତେ କେତେ ସଂଖ୍ୟକ ତଥା କେତେ ମୂଲ୍ୟର ପ୍ରକଳ୍ପ ପାଇଆସୁଛି, ସେଥିମଧ୍ୟରୁ ଅଦ୍ୟାବଧି କେତେ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଛି, ସେସବୁ ପ୍ରକଳ୍ପ ଯୋଗୁଁ କେତେ କର୍ମନିଯୁକ୍ତି ସୁଯୋଗ ପାଇଲେଣି, କେତେ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରି ନହିଁ, ପ୍ରକଳ୍ପ ପ୍ରସ୍ତାବ ଦେଇଥିବା କେତେ କମ୍ପାନୀ ରାଜ୍ୟରୁ ମୁହଁ ଫେରାଇ ନେଲେଣି, କେତେ ପ୍ରସ୍ତାବ ଆଶ୍ୱାସନାରେ ଅଟକି ରହିଛି, ସେସବୁ ବର୍ଷ ଓ ପ୍ରକଳ୍ପୱାରୀ ତଥ୍ୟ ପ୍ରଦାନ କରିବେ କି ?

----

**Industrial Park Rating System ସମ୍ପର୍କରେ**

493 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଭାରତ ସରକାରଙ୍କ DPIIT ତରଫରୁ ହୋଇଥିବା ସଦ୍ୟତମ Industrial Park Rating System ( IPRS) ରେ ଓଡ଼ିଶା Aspirer Group କୁ ଖସି ଛତିଶଗଡ଼ ରାଜ୍ୟ ତୁଳନାରେ ପଛରେ ରହିବା ନେଇ ଯଦି ରାଜ୍ୟ ସରକାର ସମୀକ୍ଷା କରିଛନ୍ତି ତେବେ ତାର ବିବରଣୀ ଦର୍ଶାଇବେ କି ; ଓଡ଼ିଶାରେ 110 ଟି ଇଣ୍ଡଷ୍ଟ୍ରିୱାଲ ପାର୍କ ଥିବା ବେଳେ ଦେଶର 131 ଟି ଅଗ୍ରଣୀ ଇଣ୍ଡଷ୍ଟ୍ରିଆଲ ପାର୍କ ମଧ୍ୟରେ ସ୍ଥାନ ନ ପାଇବା ଏବଂ ରାଜ୍ୟର ଗୋଟିଏ ବି ପାର୍କ ନିର୍ଦ୍ଦିଷ୍ଟ କ୍ଷେତ୍ର ବା ସେକ୍ଟର ପାଇଁ ଉଦ୍ଦିଷ୍ଟ ନୁହେଁ ତାର କାରଣ କଣ; ରାଜ୍ୟର ଇଣ୍ଡଷ୍ଟ୍ରିଆଲ ପାର୍କ ଗୁଡ଼ିକରେ ବର୍ଜ୍ୟଜଳ ନିଷ୍କାସନ, ପରିଚାଳନା ଆଦି କେଉଁ କେଉଁ ବ୍ୟବସ୍ଥା ହୋଇନାହିଁ ସେହିପରି ବେଦାନ୍ତକୁ ଛାଡ଼ିଦେଲେ ରାଜ୍ୟର ସ୍ୱତନ୍ତ୍ର ଅର୍ଥନୈତିକ ଜୋନର କାର୍ଯ୍ୟଦକ୍ଷତା ଏତେ କମ ହେବାର କାରଣ କଣ, ଏଥିପାଇଁ ଦାୟୀ କିଏ ?

----

**Aggregate Technical and Commercial ସମ୍ପର୍କରେ**

494 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବଳକା ବିଦ୍ୟୁତ୍ ଶକ୍ତି କ୍ରୟ ନେଇ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) କଣପାଇଁ ଓ କେଉଁ ପରିସ୍ଥିତିରେ ଅନୁମୋଦନ ଦେଲେ, ସେଥିପାଇଁ ଗ୍ରିଡ଼କୋ ଓ ରାଜ୍ୟର ବିଦ୍ୟୁତ୍ ଉପଭୋକ୍ତାମାନେ ଗତ ଦୁଇବର୍ଷ ଧରି କେଉଁ କାରଣ ପାଇଁ ଓ କେତେ ଅଧିକ ଦରରେ ବିଦ୍ୟୁତ୍ ଦେୟ ଦେବାକୁ ବାଧ୍ୟହେଲେ, ସେଥିପାଇଁ କିଏ ଦାୟୀ, ସେ ସଂପର୍କରେ ରାଜ୍ୟ ସରକାର ବିବରଣୀ ଦେବେ କି; ସଂପ୍ରତି ରାଜ୍ୟରେ Aggregate Technical and Commercial (AT&C) କେତେ , ଏଥିପାଇଁ ଉପଭୋକ୍ତାମାନେ କେତେ କ୍ଷତି ସହିବାକୁ ବାଧ୍ୟ ହେଉଛନ୍ତି , କେବେ ସୁଦ୍ଧା ଏହି ହାରକୁ ନିର୍ଦ୍ଦିଷ୍ଟ ଭାବେ କେତେ ହ୍ରାସ କରିବାକୁ ସରକାର ବିଦ୍ୟୁତ୍ ବଣ୍ଟନକାରୀ କମ୍ପାନୀଙ୍କୁ ପ୍ରସ୍ତାବ ଦେଇଛନ୍ତି ଏବଂ AT&C କେତେ ହ୍ରାସ ପାଇଲେ, ଉପଭୋକ୍ତମାନେ କିଭଳି ଉପକୃତ ହେବେ ତା'ର ତଥ୍ୟ ଦେବେ କି ?

----

## ଶୈକ୍ଷିକ କ୍ଷତିର ଆକଳନ

495 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କରୋନା ମହାମାରୀ ଯୋଗୁଁ ଦୀର୍ଘଦିନ ଧରି ଶିକ୍ଷାନୁଷ୍ଠାନ ବନ୍ଦ ରହିବା ଫଳରେ ଉଚ୍ଚଶିକ୍ଷା କେତେଦୂର ପ୍ରଭାବିତ ହୋଇଛି ଏବଂ ମହାବିଦ୍ୟାଳୟଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟର ବିଭିନ୍ନ ବର୍ଗର ଛାତ୍ରଛାତ୍ରୀଙ୍କର କିଭଳି ଶୈକ୍ଷିକ କ୍ଷତି ହୋଇଛି ସେ ନେଇ ସରକାର କୌଣସି ଆକଳନ, ଅନୁଧ୍ୟାନ କରିଛନ୍ତି କି; ଯଦି ହଁ, ତେବେ ତା'ର ଆକଳନ, ଅନୁଧ୍ୟାନ ରିପୋର୍ଟ ଉପସ୍ଥାପନ କରିବେ କି; ଯଦି ନା, ତେବେ ଏହାକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରି ତୁରନ୍ତ ବିଶେଷଜ୍ଞ ତଥା ଶିକ୍ଷାବିତ୍‌ମାନଙ୍କ ଦ୍ୱାରା ଅନୁଧ୍ୟାନ କରିବା ସହିତ ପ୍ରଭାବିତ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ବିଭିନ୍ନ ପ୍ରକାର ଫି ହ୍ରାସ ସହିତ ଉଚ୍ଚଶିକ୍ଷା କ୍ଷେତ୍ରରେ ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ବିଚାର କରୁଛନ୍ତି କି ?

----

## ଓପିଟିସିଏଲ୍ ସାମଗ୍ରିକ ରାଜସ୍ୱ ଆବଶ୍ୟକତା

496 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗତ ୧୦ ବର୍ଷରେ କ୍ୟାପ୍‌ଟିଭ ପାୱାରପ୍ଲାଣ୍ଟ (ସିଜିପି) ମାଧ୍ୟମରେ ଆହରଣ ହେଉଥିବା କେତେ 'no cost' (ଉତ୍ପାଦନ ମୂଲ୍ୟ ବିହୀନ) ମେଗା ୟୁନିଟ୍ ବିଦ୍ୟୁତ୍ ଶକ୍ତି, ଗ୍ରୀଡକୋ ବିଦ୍ୟୁତ୍ ବଣ୍ଟନକାରୀ କମ୍ପାନୀ (ଡିସକମ) ମାନଙ୍କୁ ବିକ୍ରି କରିଛି, ଏ ସଂକ୍ରାନ୍ତରେ ଓପିଟିସିଏଲ୍ ସାମଗ୍ରିକ ରାଜସ୍ୱ ଆବଶ୍ୟକତା (ARR) ରେ କେତେ ଦର୍ଶାଇଛି, ଫଳରେ ଉପଭୋକ୍ତାମାନଙ୍କ ଉପରେ ୟୁନିଟ୍ ପିଛା retail supply tariff (RST) ବୋଝ କେତେ ବୃଦ୍ଧି ପାଇଛି, ଡିସକମମାନେ ବାର୍ଷିକ କେତେ non-tariff ରାଜସ୍ୱ ଅର୍ଜନ କରିଛନ୍ତି, ସେସବୁର ବର୍ଷ ଓ ଡିସକମୱାରୀ ତଥ୍ୟ ଦେବେ କି ; ଉପଭୋକ୍ତାଙ୍କ ଉପରେ ବିଜୁଳି ଦର ବୃଦ୍ଧି ହ୍ରାସ ନେଇ 'no cost' ବିଦ୍ୟୁତ୍ ଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ ଏ ସଂକ୍ରାନ୍ତରେ ଯଦି ମୁଖ୍ୟମନ୍ତ୍ରୀ କିମ୍ବା କୌଣସି ଉଚ୍ଚସ୍ତରୀୟ ସମୀକ୍ଷା ହୋଇଛି ତା'ର ବିବରଣୀ ଦେବେ କି ?

----

## ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କ ସଂଖ୍ୟା

497 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ୨୦୧୩ କାର୍ଯ୍ୟକାରୀ ହେଉଥିବା ସ୍ଥଳେ କେଉଁ କାରଣରୁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ଅର୍ଥ ବ୍ୟୟ କରି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ପ୍ରଚଳନ କଲେ, ଉଭୟ ଯୋଜନାରେ କ'ଣ ପାର୍ଥକ୍ୟ ଅଛି , ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ କେଉଁ କେଉଁ ବର୍ଷର କେଉଁ ମାସରେ କେତେ ସଂଖ୍ୟକ ପରିବାରର କେତେ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା ; ଏବଂ ସେମାନଙ୍କ ମଧ୍ୟରେ ବାସହୀନ ପରିବାର, ଭିକ୍ଷାବୃତ୍ତି କରୁଥିବା, ଦିନ ମଜୁରିଆ ଓ ବିଭିନ୍ନ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ପରିବାରଙ୍କ ସଂଖ୍ୟା କେତେ ଥିଲେ ; କେଉଁ କେଉଁ ବର୍ଷର କେଉଁ ମାସରେ କେଉଁ ବର୍ଗ ତଥା କ୍ଷେତ୍ରର ହିତାଧିକାରୀଙ୍କ ମଧ୍ୟରୁ କେତେ ଜଣଙ୍କୁ ରାଜ୍ୟ ଯୋଜନାରୁ ବାଦ୍ ଦେଇ କେନ୍ଦ୍ର ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି ; କେତେ ସଂଖ୍ୟକଙ୍କୁ ରାଜ୍ୟ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ମାସିକ କେତେ ଅର୍ଥ ବ୍ୟୟ କରାଯାଉଛି ତା'ର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ଶିଳ୍ପାଞ୍ଚଳରେ ଆବଣ୍ଟିତ ହୋଇଥିବା ଜମି

୪୨୮ **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ଶିଳ୍ପାଞ୍ଚଳରେ ସମୁଦାୟ କେତେ ଜମି ଓ କେତେ ସେଡ୍ ଶିଳ୍ପ ସଂସ୍ଥା ଉଦ୍ୟୋଗୀଙ୍କୁ ଆବଣ୍ଟିତ ହୋଇଛି; ସେଥିମଧ୍ୟରୁ କେତେ କାର୍ଯ୍ୟକ୍ଷମ ରହିଛି ଓ କେତେ ବନ୍ଦ ତଥା କାର୍ଯ୍ୟକ୍ଷମ ନାହିଁ ତାର ଜିଲ୍ଲା ଓ ଶିଳ୍ପଞ୍ଚଳୱାରୀ ବିବରଣୀ ପ୍ରଦାନ କରିବେ କି; କାର୍ଯ୍ୟକ୍ଷମ ଶିଳ୍ପରେ କେତେ କର୍ମଚାରୀ ନିଯୁକ୍ତି ପାଇଛନ୍ତି ଓ କାର୍ଯ୍ୟକ୍ଷମ ନଥିବା ଶିଳ୍ପ ସଂସ୍ଥାରେ କେତେ କର୍ମଚାରୀ / ଶ୍ରମିକ କର୍ମଚ୍ୟୁତ ହୋଇଛନ୍ତି ଏ ସମ୍ପର୍କରେ ସରକାରଙ୍କ ନିକଟରେ ତଥ୍ୟ ଉପଲବ୍ଧ କି ; ଯଦି ଉପଲବ୍ଧ ତାର ଏକ ବିବରଣୀ ପ୍ରଦାନ କରିବେ କି; (ଖ) କେଉଁ ଶିଳ୍ପାଞ୍ଚଳରେ କେବେଠାରୁ କେତେ ଜମି ଓ ସେଡ୍ ଖାଲି ରହିଛି ସେଗୁଡିକ ଖାଲି ରହିବାର କାରଣ ସହ କେବେ ସୁଦ୍ଧା ଆବଣ୍ଟିତ କରାଯିବ ତାହା ପ୍ରକାଶ କରିବେ ?

----

## ପୁଞ୍ଜି ବିନିଯୋଗରେ ଅନୁମୋଦନ ହୋଇଥିବା ପ୍ରକଳ୍ପର ସଂଖ୍ୟା

୪୨୯ **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ ମଞ୍ଜୁରି କର୍ତ୍ତୃପକ୍ଷଙ୍କ ଦ୍ୱାରା ଅଦ୍ୟାବଧ କେତେଗୋଟି ପ୍ରକଳ୍ପକୁ କେତେ ପୁଞ୍ଜି ବିନିଯୋଗରେ ଅନୁମୋଦନ କରାଯାଇଛି, ସଂପୃକ୍ତ ପ୍ରକଳ୍ପରେ କେତେ ସଂଖ୍ୟକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତିର ଆକଳନ କରାଯାଇଥିଲା; ସେଥ ମଧ୍ୟରୁ କେତେଗୋଟି ପ୍ରକଳ୍ପ ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇନାହିଁ ; କାର୍ଯ୍ୟକ୍ଷମ ହୋଇନଥିବା ପ୍ରକଳ୍ପର ସାମ୍ପ୍ରତିକ ସ୍ଥିତାବସ୍ଥା ସମ୍ପର୍କୀତ ପ୍ରକଳ୍ପୱାରୀ ବିବରଣୀ ପ୍ରଦାନ କରିବେ କି; (ଖ) ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ ମଞ୍ଜୁରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ପ୍ରକଳ୍ପରେ କେତେ ପୁଞ୍ଜି ନିବେଶ ଓ କେତେ ନିଯୁକ୍ତି ସୁଯୋଗ ସୃଷ୍ଟିର ପ୍ରତିଶୃତି ସମ୍ପର୍କୀତ ବିବରଣୀ ପ୍ରଦାନ କରିବେ କି ?

----

## ନିୟନ୍ତ୍ରିତ ବଜାର କମିଟିର ଜିଲ୍ଲାୱାରୀ ବିବରଣୀ

500 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେଉଁ ଜିଲ୍ଲାର କେଉଁ ବ୍ଲକରେ କେତେଗୋଟି ନିୟନ୍ତ୍ରିତ ବଜାର କମିଟି ଗଠନ କରାଯାଇଛି ତାର ଏକ ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି ; ରାଜ୍ୟରେ ଉତ୍ପାଦିତ ଫସଲକୁ ସହଜରେ ରାଜ୍ୟ ଓ ରାଜ୍ୟ ବାହାରେ ବିକ୍ରି କରିବା ପାଇଁ ବିଭାଗ ତରଫରୁ କେଉଁ ଜିଲ୍ଲାର କେଉଁ କେଉଁ ନିୟନ୍ତ୍ରିତ ବଜାର କମିଟିକୁ କେଉଁ ବର୍ଷ ଇ-ନାମ ସହ ସଂଯୋଗ କରାଯାଇଛି; ଅବଶିଷ୍ଟ କେତେଗୋଟି ନିୟନ୍ତ୍ରିତ ବଜାର କମିଟିକୁ କେବେସୁଦ୍ଧା ଇ-ନାମ୍ ସହ ସଂଯୋଗ କରାଯିବାକୁ ଯୋଜନା ରହିଛି ତାହା ପ୍ରକାଶ କରିବେ କି; ନିୟନ୍ତ୍ରିତ ବଜାର କମିଟି ଇ-ନାମ୍ ସହ ସଂଯୋଗ ଦ୍ୱାରା କେଉଁ ଜିଲ୍ଲାର କେତେ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି ଏବଂ ୨୦୧୮-୧୯ ରୁ ଚଳିତ ବର୍ଷ ମଧ୍ୟରେ କେଉଁ ବର୍ଷ କି କି ଫସଲ ବିକ୍ରି କରିଛନ୍ତି ତା'ର ଏକ ବର୍ଷୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ପଶୁ ପାଳନରେ ନିୟୋଜିତ ଚାଷୀଙ୍କ ଆୟ

501 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ୨୦୨୨ ସୁଦ୍ଧା ରାଜ୍ୟର ପଶୁ ପାଳନରେ ନିୟୋଜିତ ଚାଷୀ ଓ ମତ୍ସ୍ୟ ଚାଷୀଙ୍କ ଆୟ ଦ୍ୱିଗୁଣିତ ହୋଇଛି କି; ଯଦି ଉତ୍ତର ହଁ, ତେବେ ଗତ ୫ ବର୍ଷ ତଳେ ପଶୁ ପାଳନରେ ନିୟୋଜିତ ଚାଷୀ ଓ ମତ୍ସ୍ୟ ଚାଷୀଙ୍କ ମୁଣ୍ଡପିଛା ଓ ପରିବାରର ମାସିକ ତଥା ବାର୍ଷିକ ଆୟ କେତେ ଥିଲା, ଏହି ୫ ବର୍ଷରେ ତାହା କେତେ ଓ କେଉଁ ହାରରେ କିପରି ଭାବେ ବୃଦ୍ଧି ହୋଇଛି, ଏହି ସମୟରେ ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆନ୍ଧ୍ର ପ୍ରଦେଶ ଆଦି ରାଜ୍ୟର ଏହି ବର୍ଗର କୃଷକଙ୍କ ଆୟ ତୁଳନାରେ ଏହା କେତେ ତା'ର ଓଡ଼ିଶାର ବର୍ଷୱାରୀ ଓ ଜିଲ୍ଲାୱାରୀ ତୁଳନାତ୍ମକ ତଥ୍ୟ ଦେବେ କି ?

----

## ଆବର୍ଜନାରୁ ଶକ୍ତି ସଂଗ୍ରହ ପାଇଁ ଯୋଜନା

502 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସମ୍ବଲପୁର ମହାନଗର ନିଗମ ସମେତ ଅନ୍ୟ କେଉଁ କେଉଁ ପୌରାଞ୍ଚଳର ନିର୍ଗମ ଆବର୍ଜନାରୁ ଶକ୍ତି ସଂଗ୍ରହ ପାଇଁ ଓରେଡା ତରଫରୁ କୌଣସି ଯୋଜନା ପ୍ରସ୍ତୁ କରାଯାଇଛି କି, ଯଦି କରାଯାଇଛି ଏହାର କାର୍ଯ୍ୟକାରୀତା ପାଇଁ କି କି ପଦକ୍ଷେପ ଗ୍ରହଣ କରାଯାଉଛି ତାର ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## କାର୍ଯ୍ୟକ୍ଷମ ଥିବା ବୃହତ୍ତ ଓ ମଧ୍ୟମଧରଣର ଶିଳ୍ପର ସଂଖ୍ୟା

503 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ରାଜ୍ୟରେ କେଉଁ କେଉଁ ଜିଲ୍ଲାରେ କେତେଗୋଟି ବୃହତ୍ତ ଓ ମଧ୍ୟମ ଧରଣର ଶିଳ୍ପ ସମ୍ପ୍ରତି କାର୍ଯ୍ୟକ୍ଷମ ତଥା ଉତ୍ପାଦନ କରୁଛନ୍ତି, ସମ୍ପୃକ୍ତ ଶିଳ୍ପ ସଂସ୍ଥାରେ 2019-20 ବର୍ଷରେ କେତେ ମୂଲ୍ୟର ଓ କି କି ପ୍ରମୁଖ ସାମଗ୍ରୀ କେତେ ପରିମାଣର ଉତ୍ପାଦନ ହେଉଛି ଏବଂ କେତେ ସଂଖ୍ୟକ ପ୍ରତ୍ୟେକ୍ଷ ଓ ପରୋକ୍ଷ ନିଯୁକ୍ତି ମିଳିଛି ତାର ଏକ ବିବରଣୀ ପ୍ରଦାନ କରିବେ କି, (ଖ) ପ୍ରତିଷ୍ଠିତ ହୋଇଥିବା ଶିଳ୍ପ ମଧ୍ୟରୁ ସମ୍ପ୍ରତି କେତେଗୋଟି ଶିଳ୍ପ ବନ୍ଦ ହୋଇଯାଇଛି, କେତେଗୋଟି ଚାଲୁଅଛି, କେତେଗୋଟି ଶିଳ୍ପ ଉତ୍ପାଦନ କ୍ଷମତା ହ୍ରାସ କରିଛନ୍ତି, ବନ୍ଦ ହୋଇଥିବା ଶିଳ୍ପରେ କେତେ ପୁଞ୍ଜି ବିନିଯୋଗ ହୋଇଥିଲା ଓ କେତେ ପ୍ରତ୍ୟେକ୍ଷ ଓ ପରୋକ୍ଷ ନିଯୁକ୍ତି ମିଳିଥିଲା ତାର ଶିଳ୍ପୱାରୀ ବିବରଣୀ ପ୍ରଦାନ କରିବେ କି, ବନ୍ଦ ହୋଇଥିବା ଓ କ୍ଷତିରେ ଚାଲୁଥିବା ଶିଳ୍ପ ସଂସ୍ଥାଗୁଡିକୁ ପୁନଃ ଉତ୍ପାଦନକ୍ଷମ ଏବଂ କ୍ଷତିରେ ଚାଲୁଥିବା ଶିଳ୍ପସଂସ୍ଥାଗୁଡିକ କ୍ଷତି ହ୍ରାସ କରି ଉତ୍ପାଦନ ବୃଦ୍ଧି କରିବା ପାଇଁ ସରକାର କି କି ପଦକ୍ଷେପ କେବେ ଗ୍ରହଣ କରିଛନ୍ତି ?

----

## ପୁନଃ ନିଯୁକ୍ତି ସମ୍ବନ୍ଧିୟ ନିୟମାବଳୀ

504 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ସମବାୟ ସଂସ୍ଥାମାନଙ୍କରେ ଅବସର ନେଇଥିବା କର୍ମଚାରୀମାନଙ୍କୁ ପୁନଃ ନିଯୁକ୍ତି ସମ୍ବନ୍ଧିୟ କୌଣସି ନିୟମାବଳୀ ପ୍ରଚଳନ କରାଯାଇଅଛି କି, ଯଦି ନା ରାଜ୍ୟରେ କେଉଁ ସଂସ୍ଥାରେ କେତେଜଣ କର୍ମଚାରୀଙ୍କୁ କେଉଁ ଆଧାରରେ ପୁନଃ ନିଯୁକ୍ତି ଦିଆଯାଇଅଛି ତାହାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି, (ଖ) ରାଜ୍ୟରେ ସମବାୟ ସଂସ୍ଥାମାନଙ୍କରେ ଓ ସେବା ସମମବାୟ ସମିତିମାନଙ୍କ ଅଧିନରେ କର୍ମଚାରୀମାନଙ୍କ ଦରମା ଷଷ୍ଠ ବେତନ ହାରରେ ଦିଆଯାଉଥିବାଦ୍ୱାରା ସେମାନଙ୍କର କାର୍ଯ୍ୟ କରିବାର ମନବଳ ଭାଙ୍ଗିଯାଉଥିବା କଥା ସରକାର ଉପଲବଧ କରିଛନ୍ତି କି, ଏଣୁ ସେମାନଙ୍କୁ 7ମ ବେତନ ଭୋଗି କର୍ମଚାରୀ ହାରରେ ଦରମା ଦେବାର ବ୍ୟବସ୍ଥା କରିବେ କି ?

----

## ବିଭିନ୍ନ ଯୋଜନାରେ ପ୍ରକଳ୍ପକୁ ମଞ୍ଜୁରୀ

505 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ସମ୍ବଲପୁର ଜିଲ୍ଲାରେ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ତରଫରୁ 2016-17 ରୁ 2021-22 ବର୍ଷ ମଧ୍ୟରେ କେଉଁ ଯୋଜନା ଓ କାର୍ଯ୍ୟକ୍ରମରେ କେତେ ବ୍ୟୟ ଅଟକଳରେ କେଉଁ କେଉଁ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି, କେଉଁ ପ୍ରକଳ୍ପ କେଉଁ ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ ଲକ୍ଷ୍ୟକୁ ନେଇ କେବେ ମଞ୍ଜୁରୀ ପ୍ରଦାନ କରାଯାଇଛି ଏବଂ କେଉଁ କାର୍ଯ୍ୟକାରୀ ସଂସ୍ଥାଦ୍ୱାରା କେବେ ଆରମ୍ଭ କରାଯାଇ କେତେ ଅବଧି ମଧ୍ୟରେ ସମ୍ପୂର୍ଣ୍ଣ କରାଯିବା ନିମନ୍ତେ ସ୍ଥିର ହୋଇଥିଲା, ସମ୍ପୃକ୍ତ ପ୍ରକଳ୍ପର ସାମ୍ପ୍ରତିକ ସ୍ଥିତାବସ୍ଥା, ଅଗ୍ରଗତି ଓ ବ୍ୟୟ ସମ୍ପର୍କୀତ ପ୍ରକଳ୍ପୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ଏକକ ବାତାୟନ ପ୍ରଣାଳୀ ମାଧ୍ୟମରେ ଶିଳ୍ପ ସ୍ଥାପନ

506 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି)ଃ**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ରାଜ୍ୟରେ ରାଜ୍ୟ ଏକକ ବାତାୟନ ପ୍ରଣାଳୀ ମାଧ୍ୟମରେ ଅନୁମୋଦନ ପ୍ରାପ୍ତ କରି ତଥା ରାଜ୍ୟରେ ବୃହତ୍ତ ଶିଳ୍ପ ସ୍ଥାପନ ପାଇଁ ରାଜ୍ୟ ସରକାରଙ୍କ ସହିତ ବୁଝାମଣା ପତ୍ର ସ୍ୱାକ୍ଷର ମାଧ୍ୟମରେ ରାଜ୍ୟରେ କେତେ ସଂଖ୍ୟକ ଶିଳ୍ପ ସ୍ଥାପନ ହୋଇଅଛି, ସମ୍ପୃକ୍ତ ଶିଳ୍ପ ମାଧ୍ୟମରେ ଅଦ୍ୟାବଧି କେତେ ପୁଞ୍ଜି ନିବେଶ ଏବଂ କେତେ ନିଯୁକ୍ତି ସୃଷ୍ଟିର ଆକଳନ କରାଯାଇଥିଲା, ଆକଳନ ଅନୁଯାୟୀ ବାସ୍ତବରେ କେତେ ପୁଞ୍ଜି ନିବେଶ ହୋଇଛି ଓ କେତେ ନିଯୁକ୍ତି ପାଇଛନ୍ତି ତାର ତୁଳନାତ୍ମକ ବିବରଣୀ ଶିଳ୍ପ ସଂସ୍ଥାୱାରୀ ପ୍ରଦାନ କରିବେ କି, ଆକଳନ ଓ ବାସ୍ତବ କ୍ଷେତ୍ରରେ ବ୍ୟାପକ ତାରତମ୍ୟ ରହିବାର ପ୍ରମୁଖ କାରଣ କଣ ତାହା ପ୍ରକାଶ କରିବେ କି, (ଖ) ଅବିଭକ୍ତ ସମ୍ବଲପୁର ଜିଲ୍ଲାରେ ପ୍ରତିଷ୍ଠିତ କେଉଁ ଶିଳ୍ପରେ କେତେ ସଂଖ୍ୟକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ମିଳିଛି ଓ କେତେ ସ୍ଥାନୀୟ ତଥା ଜିଲ୍ଲାର ବାସିନ୍ଦାଙ୍କୁ ନିଯୁକ୍ତି ମିଳିଛି ତାହା ଜଣାଇବେ କି ?

----

## ମୋ ସ୍କୁଲ ଅଭିଯାନରେ ବିନିଯୋଗ ଅର୍ଥର ପରିମାଣ

507 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର)ଃ**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ମୋ ସ୍କୁଲ ଅଭିଯାନ ଯୋଜନାରେ ସରକାର ରାଜ୍ୟରେ ମୋଟ କେତେ ଅର୍ଥ ବିନିଯୋଗ କଲେଣି, ନୀତିଗତ ଅବସ୍ଥାରେ ଦାନ ଆକାରରେ ଏପର୍ଯ୍ୟନ୍ତ ମୋଟ କେତେ ଅର୍ଥ ବିଦ୍ୟାଳୟମାନଙ୍କୁ ମିଳିଛି, ଏହି ଯୋଜନା ଶତ ପ୍ରତିଶତ ସଫଳ ହେଉଥିଲାବେଳେ ଏହାର ଭବିଷ୍ୟତ ଯୋଜନା କଣ ?

----

## ବିଦ୍ୟୁତ୍ structure ନିର୍ମାଣ

508 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର)ଃ**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଲକ୍ଷ୍ମଣନାଥଠାରେ ବିଦ୍ୟୁତ୍ structure ନିର୍ମାଣ ପାଇଁ ନୀତିଗତ ନିଷ୍ପତ୍ତି ହୋଇଥିଲାବେଳେ ଉପଭୁକ୍ତାଙ୍କ ସ୍ୱାର୍ଥକୁ ଲକ୍ଷ୍ୟ କରି କେତେ ଶୀଘ୍ର ନିର୍ମାଣ କରାଯିବ ଏବଂ ତାହା ବର୍ତ୍ତମାନ କେଉଁ ସ୍ତରରେ ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି ?

----

## ନିଜସ୍ୱ ଖେଳ ପଡିଆ ଥିବା ଉଚ୍ଚ ବିଦ୍ୟାଳୟ ସଂଖ୍ୟା

509 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର)ଃ**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- 5T ରୂପାନ୍ତରଣ (Transformation) କାର୍ଯ୍ୟରେ ରେକର୍ଡଭୁକ୍ତ ନିଜସ୍ୱ ଖେଳ ପଡିଆ ଥିବା ଉଚ୍ଚ ବିଦ୍ୟାଳୟମାନଙ୍କୁ ଏହାର ନବୀକରଣ ଏବଂ ସମ୍ପ୍ରସାରଣରେ ସଂଯୋଗ କରିବାକୁ ସରକାର ସ୍ୱତନ୍ତ୍ର ଯୋଜନା କରିବେ କି, ରେକର୍ଡଭୁକ୍ତ ଖେଳପଡିଆଥିବା ରାଜ୍ୟରେ ଉଚ୍ଚ ବିଦ୍ୟାଳୟ ସଂଖ୍ୟା କେତେ ?

----

## ଦୀନକୃଷ୍ଣ ମହାବିଦ୍ୟାଳୟରେ ଅଧ୍ୟାପକ ପଦବୀ ପୂରଣ

510 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଳେଶ୍ୱର ବ୍ଲକ ଅନ୍ତର୍ଗତ ୧୯୬୪ ମସିହାରୁ ପ୍ରତିଷ୍ଠିତ ଦୀନକୃଷ୍ଣ ମହାବିଦ୍ୟାଳୟ ଜଳେଶ୍ୱର (ଧାନଶିମୁଳିଆ) ରେ ଅଧ୍ୟାପକ, ଅଣଶିକ୍ଷା କର୍ମଚାରୀ ମଞ୍ଜୁରୀପ୍ରାପ୍ତ 110 ପଦରୁ 78 ପଦ ଖାଲିଥିବା ସମ୍ପର୍କରେ ସରକାର ଅବଗତ ଅଛନ୍ତି କି ଏବଂ ଇଂରାଜୀ ବିଭାଗରେ ଜଣେ ହେଲେ ଅଧ୍ୟାପକ ବର୍ତ୍ତମାନ ନଥିବା ସତ୍ୟ କି, ଏହି ମହାବିଦ୍ୟାଳୟରେ କେଉଁ ବିଷୟରେ କେତେଜଣ ବର୍ତ୍ତମାନ କାର୍ଯ୍ୟରତ ଅଛନ୍ତି, ଏଭଳି ଏକ ପୁରୁଣା ମହାବିଦ୍ୟାଳୟ ରାଜ୍ୟ ସୀମାନ୍ତରେ ଗଢ଼ି ଉଠିଥିବାବେଳେ ସରକାର ଅଧ୍ୟାପକ ପଦବୀ ପୂରଣ କ୍ଷେତ୍ରରେ କଣ ତ୍ୱରିତ ପଦକ୍ଷେପ ଗ୍ରହଣ କରିବେ ?

----

## 5T ରୂପାନ୍ତରଣ କାର୍ଯ୍ୟ

511 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଦୀନକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ, ଖୁଆଡ (Dinakrushna Govt. High School, Khuard) 5T ରୂପାନ୍ତରଣ କାର୍ଯ୍ୟ କାହା ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି, ଦାୟିତ୍ୱ ନେଇଥିବା ସମ୍ପୃକ୍ତ ଶିକ୍ଷକ ଦାୟିତ୍ୱ ନେବାଠାରୁ ଏପର୍ଯ୍ୟନ୍ତ କେଉଁ ମାସରେ କେଉଁ ତାରିଖରେ ଏବଂ ପୂର୍ବରୁ କେତେଦିନ ବିଦ୍ୟାଳୟରେ ଅନୁପସ୍ଥିତ ଅଛନ୍ତି, କେଉଁ କାରଣରୁ ଏକ ମାସରେ ତାଙ୍କର ଦରମା ବନ୍ଦ ହୋଇଛି, ବିନାଛୁଟି ଦରଖାସ୍ତରେ କେତେ ଦିନ ବିଦ୍ୟାଳୟରେ ଅନୁପସ୍ଥିତ ରହିଲେ, ଏଥିଲାଗି DEO, ବାଲେଶ୍ୱର କେଉଁ କାରଣରୁ ନିରବତା ଅବଲମ୍ବନ କଲେ ଏଥିଲାଗି କେଉଁ ତାରିଖ, କେତେ ନମ୍ବର ଚିଠି ପ୍ରଧାନ ଶିକ୍ଷକଙ୍କଠାରୁ DEO ଙ୍କର ହସ୍ତଗତ ହୋଇଥିଲା, ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି ଓ DEO ଙ୍କୁ ଏଥିରେ କଣ ନିର୍ଦ୍ଦେଶ ଦେବେ ତଥା ଦାୟିତ୍ୱ ଖିଲାପ, କରୁଥିବା ଶିକ୍ଷକଙ୍କ ବିରୁଦ୍ଧରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ?

----

## ବିଦ୍ୟାଳୟମାନଙ୍କରେ ଶିକ୍ଷା ଭିତ୍ତିଭୂମି ଉନ୍ନୟନ

512 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ସରକାରୀ ବିଦ୍ୟାଳୟମାନଙ୍କରେ ଶିକ୍ଷା ଭିତ୍ତିଭୂମୀ ଉନ୍ନୟନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଅଧ୍ୟାପକ ପଦବୀ ପୂରଣ ସମ୍ପର୍କରେ

513 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ସରକାର ରାଜ୍ୟର ବିଶ୍ୱ ବିଦ୍ୟାଳୟ ଓ ମହା ବିଦ୍ୟାଳୟଗୁଡିକରେ ଖାଲିଥିବା ଶିକ୍ଷକ/ଅଧ୍ୟାପକ ପଦବୀ ପୂରଣ ପାଇଁ OPSC କୁ ଅନୁରୋଧ କରୁଥିଲେ ମଧ୍ୟ OPSC ଆବଶ୍ୟକତା ଅନୁଯାୟୀ ସେତିକି ସଂଖ୍ୟକ ଶିକ୍ଷକ/ଅଧ୍ୟାପକ ଯୋଗାଇ ପାରୁନଥିବାର କାରଣ କଣ, ଦେଖାଯାଉଛି ରାଜ୍ୟ ସରକାର ଏକ ନିର୍ଦ୍ଦିଷ୍ଟ ବିଷୟରେ ଯେତିକି ସଂଖ୍ୟକ ପଦବୀ ପୂରଣ ପାଇଁ ଅଧ୍ୟାପକ ଚୟନ କରି ତାଲିକା ମାଗୁଛନ୍ତି, OPSC ତାଠାରୁ କମ୍ ସଂଖ୍ୟକ ଅଧ୍ୟାପକ ଚୟନ କରି ନାମ ତାଲିକା ପଠାଇଛନ୍ତି, ଏଭଳି କାହା ଇଙ୍ଗିତରେ ପୂରଣ କରି ଅଧ୍ୟାପକ ପଦବୀ ଖାଲି ରଖାଯାଉଛି, OPSC ସହ ଘରୋଇ କଲେଜ ସହ ସମ୍ପର୍କ କଣ ?

----

## ଉତ୍ପନ୍ନ ଶକ୍ତିର ପରିମାଣ

514 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ 10 ବର୍ଷ ଭିତରେ ବର୍ଷୱାରୀ ଓଡିଶା ରାଜ୍ୟରେ ରାଜ୍ୟ ସରକାର କେତେ ମେଗାୱାର୍ଟ ଶକ୍ତି ଉତ୍ପନ୍ନ କରୁଛନ୍ତି, ବଳକା ରାଜ୍ୟ ଭାବେ ଯଦି ବଳକା ଶକ୍ତି ବାହାର ରାଜ୍ୟକୁ ବିକ୍ରି କରୁଛନ୍ତି ତେବେ କେଉଁ କେଉଁ ରାଜ୍ୟକୁ କେତେ ପରିମାଣର ଶକ୍ତି ବିକ୍ରି କରୁଛନ୍ତି, ଯଦି ବାହାର ରାଜ୍ୟର କିଣୁଥାନ୍ତି ତେବେ ବିଗତ 10 ବର୍ଷରେ କେଉଁ ରାଜ୍ୟରୁ କେତେ ପରିମାଣର ବିଦ୍ୟୁତ ଶକ୍ତି କିଣୁଛନ୍ତି, ଏହି କିଣା ବିକାରେ ରାଜ୍ୟ ସରକାରଙ୍କର କେଉଁ ବର୍ଷରେ କେତେ ଲାଭ ହୋଇଛି ବା କ୍ଷତି ହୋଇଛି ?

----

## Make in Odisha Conclave ଉତ୍ସବ

515 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମେକ ଇନ୍ ଓଡିଶା କାର୍ଯ୍ୟକ୍ରମରେ ପ୍ରଚାର ପ୍ରସାର ପାଇଁ କେଉଁ ସ୍ଥାନରେ କେତୋଟି Make in Odisha Conclave ଉତ୍ସବ ଅନୁଷ୍ଠିତ ହୋଇଥିଲା ଓ ସେଥିପାଇଁ ସମୁଦାୟ ରାଜ୍ୟ ସରକାର କେତେ ଅର୍ଥ ଖର୍ଚ୍ଚ କରିଛନ୍ତି, ପ୍ରଚାର ଓ ପ୍ରସାର ପରେ କେଉଁ କେଉଁ କମ୍ପାନୀମାନେ କେବେ ରାଜ୍ୟ ସରକାରଙ୍କ ସହିତ କେତୋଟି ଏମ୍.ଓ.ୟୁ. ଦସ୍ତଖତ କରିଛନ୍ତି, କେତେ ଫରେନ ଇନଭେଷ୍ଟମେଣ୍ଟ ହୋଇଛି ଓ ଏଥିରେ କେତେ ସଂଖ୍ୟକ ଓଡିଆ ପିଲା ନିଯୁକ୍ତି ପାଇଛନ୍ତି ?

----

## ନିଯୁକ୍ତି ପାଇଥିବା ଲୋକଙ୍କର ସଂଖ୍ୟା

516 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- 2010 ମସିହାରେ ରାଜ୍ୟରେ କେତୋଟି ଏମ୍.ଏସ୍.ଏମ୍.ଇ. ୟୁନିଟ କାର୍ଯ୍ୟ କରୁଥିଲା ଏବଂ ଏଥିରେ କେତେ ଲୋକ ନିଯୁକ୍ତି ପାଇଥିଲେ, 2010 ମସିହାଠାରୁ 2021 ଶେଷ ସୁଦ୍ଧା ବର୍ଷୱାରୀ କେତେ ୟୁନିଟ୍ ବଢିଛି ବା କମିଛି, ଯଦି ବଢିଥାଏ ତେବେ କେତେ ଲୋକ ବର୍ଷୱାରୀ ନିଯୁକ୍ତି ପାଇଛନ୍ତି ଯଦି କମିଥାଏ ତେବେ କେତେ ଲୋକ ନିଯୁକ୍ତି ସୁବିଧା ହରାଇଛନ୍ତି, ବର୍ଷୱାରୀ 2010 ମସିହାଠାରୁ 2021 ଶେଷ ସୁଦ୍ଧା ରାଜ୍ୟ ସରକାର ବର୍ଷୱାରୀ ଏଥିପାଇଁ କେତେ ଅର୍ଥ ଖର୍ଚ୍ଚ କରିଛନ୍ତି ?

----

## ଆକର୍ଷଣୀୟ ନୀତି ଗଠନ

517 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ଜୈବିକ ପ୍ରଣାଳୀରେ ଚାଷଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଓ ଚାଷୀମାନଙ୍କର ଉତ୍ପାଦିତ ଶସ୍ୟର ବିକ୍ରୟ ପାଇଁ କ୍ଷୁଦ୍ର ମଧ୍ୟମ କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ଓ 60 (ଷାଠିଏ) ବର୍ଷରେ କୃଷକଙ୍କୁ ପେନସନ୍ ଦେବା ଏବଂ କୃଷକର କ୍ଷତି ଶସ୍ୟ ବୀମାରେ ଅନ୍ତର୍ଭୁକ୍ତ ନିମନ୍ତେ ଆକର୍ଷଣୀୟ ନୀତି ପ୍ରଣୟନ କରିବେ କି ?

----

## ଗୋ ସମ୍ପଦ ସୁରକ୍ଷା

518 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ରାଜ୍ୟ ବାହାରକୁ ଗୋରୁ ଚାଲାଣ, ଗୋ ମାଂସ ରପ୍ତାନୀ ହେଉଥିବାର ସରକାର ଅବଗତ ଅଛନ୍ତି କି, ଗୋ ସମ୍ପଦ ସୁରକ୍ଷା ପାଇଁ ଏବଂ ରୁଗଣ ଗୋରୁ, ଷଣ୍ଢ ଇତ୍ୟାଦିଙ୍କ ପାଇଁ କଣ ସବୁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାର ଏକ ବିଶେଷ ତଥ୍ୟ ଦେବେ କି ?

----

## କୃଷକଙ୍କୁ ପ୍ରକଳ୍ପ ପାଇଁ ଋଣ

519 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କୃଷି ନୀତି ଅନୁଯାୟୀ ବିଗତ ଦୁଇ ବର୍ଷ ମଧ୍ୟରେ ଉଦଳା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେତେଜଣ କୃଷକଙ୍କୁ କେଉଁ ପ୍ରକଳ୍ପ ପାଇଁ କେତେ ଟଙ୍କାର ଋଣ ଓ Subsidy ପ୍ରଦାନ କରାଯାଇଛି ବିବଣୀ ଦେବେ କି, ଏଠାରେ ନୂତନ ଶୀତଳ ଭଣ୍ଡାର ପ୍ରକଳ୍ପ ପ୍ରତିଷ୍ଠା ପାଇଁ ବ୍ୟବସ୍ଥା କରିବେ କି ?

----

## ଅଧିକାରୀଙ୍କ ତାଲିକା

520 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଖାଉଟିଙ୍କୁ ନକଲି ଖାଦ୍ୟ ପଦାର୍ଥ ଦେଇ ଅସାଧୁ ବ୍ୟବସାୟମାନେ ଠକୁ ଥିବା ବିଷୟରେ ସରକାର ଅବଗତ ଅଛନ୍ତି କି, ତଦାରଖ ପାଇଁ କେତେ ଅଧିକାରୀ ନିଯୁକ୍ତି ହୋଇଛନ୍ତି ତାର ଏକ ତାଲିକା ଜିଲ୍ଲାୱାରୀ ପ୍ରଦାନ କରିବ କି ?

----

## ଅଚଳ ଉଦ୍ୟୋଗକୁ ପୁନଃ କାର୍ଯ୍ୟକ୍ଷମ

521 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଟକ ଜିଲ୍ଲାରେ କେତେଗୋଟି ମଧ୍ୟମ, କ୍ଷୁଦ୍ର ଓ ସୂକ୍ଷ୍ମ ଉଦ୍ୟୋଗ ଅଚଳ ଅବସ୍ଥାରେ ଅଛି, ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ପ୍ରାଣୀ ସମ୍ପଦକୁ ପ୍ରାଣୀବୀମାଭୁକ୍ତ

522 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଟକ ଜିଲ୍ଲାରେ ମୋଟ କେତେ ପ୍ରାଣୀ ସମ୍ପଦ ଥିବା ଗଣନା କରାଯାଇଛି, ତନ୍ମଧ୍ୟରୁ କେତେ ଗାଇ ଗୋରୁ, ମଇଁଷିମାନଙ୍କୁ ପ୍ରାଣୀ ବୀମାଭୁକ୍ତ କରାଯାଇଛି, ସମସ୍ତ ଗୃହପାଳିତ ପ୍ରାଣୀସମ୍ପଦକୁ ପ୍ରାଣୀବୀମାଭୁକ୍ତ କରିବାକୁ ସରକାର ବ୍ୟବସ୍ଥା କରିବେ କି ?

----

## ଚୌଦ୍ୱାରଠାରେ ଅଚଳ ଅବସ୍ଥାରେ ଥିବା ଶିଳ୍ପ ସଂସ୍ଥା

523 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚୌଦ୍ୱାରଠାରେ ପ୍ରତିଷ୍ଠିତ କେଉଁ କେଉଁ ଶିଳ୍ପ ସଂସ୍ଥା କେବେଠାରୁ ଅଚଳ ଅବସ୍ଥାରେ ଅଛି, ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ପଦବୀ ପୂରଣ

524 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରେଭେନ୍ସା ବିଶ୍ୱବିଦ୍ୟାଳୟରେ କେଉଁ ବିଭାଗରେ ମଞ୍ଜୁରୀପ୍ରାପ୍ତ କେଉଁ କେଉଁ ବର୍ଗର ଅଧ୍ୟାପକ ଓ କର୍ମଚାରୀ ପଦବୀ ଖାଲି ଅଛି, ଏହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଯଶୀପୁରରେ ଖାଉଟି କାର୍ଡ ତାଲିକା

525 **ଶ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ (ଯଶୀପୁର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶା ପ୍ରତ୍ୟେକ ଗରୀବ ଲୋକଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ପ୍ରତି ମାସ ଟଙ୍କିକିଆ ଚାଉଳ, ଗହମ, ଚିନି, କିରୋସିନି ଓ କେନ୍ଦ୍ର ସରକାରଙ୍କ ଗରୀବ କଲ୍ୟାଣ ଅନ୍ନ ଯୋଜନାରେ କରୋନା ମହାମାରୀ ପାଇଁ ଫ୍ରି ଚାଉଳ, ଗହମ, ଡାଲି, ବୁଟ ଇତ୍ୟାଦି ଯୋଗାଇ ଦିଆଯାଉଛି, ଯଶୀପୁର ନିର୍ବାଚନ ମଣ୍ଡଳୀର ଚାରିଗୋଟି ବ୍ଲକରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା କେତୋଟି ଲେଖାଏଁ ଖାଉଟି କାର୍ଡ (Ration Card) ଅଛି ତାର ତାଲିକା ବ୍ଲକ ୱାରୀ ପ୍ରଦାନ କରିବେ କି ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଲାଭ ପାଇଥିବା ହୀତାଧିକାରୀ ଜାତୀୟ ଖଦ୍ୟ ସୁରକ୍ଷା ଆଇନରେ ସାମିଲ ହେବା ପାଇଁ ସରକାରଙ୍କ ନିୟମ କଣ ସବୁ ରହିଛି ?

----

## ଶିକ୍ଷା ଅଧିକାରୀଙ୍କ ବଦଳୀ ସମ୍ପର୍କରେ

526 **ଶ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ (ଯଶୀପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗତ 2019-20, 2020-21, 2021-22 ଶିକ୍ଷା ବର୍ଷମାନଙ୍କରେ ମୟୁରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଯଶିପୁର ବ୍ଲକର ଶିକ୍ଷାଧିକାରୀ Transfer, Adjustment, Deputation ନାମରେ 150 ରୁ ଅଧିକ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କର ଚଞ୍ଚକତା କରି ବେନିୟମ ଭାବରେ ବଦଳି କରାଯାଇଥିବାର ଘଟଣା ଦୃଷ୍ଟି ଗୋଚର ହୋଇଥିଲା ଓ ବିଭିନ୍ନ ସମ୍ବାଦ ପତ୍ରରେ ପ୍ରକାଶ ମଧ୍ୟ ପାଇଥିଲା ସେଥିରେ ମୋଟା ଅଙ୍କର ଅର୍ଥ କାରବାର ହୋଇଥିବାର ଅଭିଯୋଗ ମଧ୍ୟ ହୋଇଥିଲା ତାହା ରାଜ୍ୟ ସରକାରଙ୍କ ନଜରରେ ଅଛି କି ଯଦି ହଁ ତେବେ ଆଜି ପର୍ଯ୍ୟନ୍ତ ସରକାର କଣ ପଦକ୍ଷେପ ନେଇଛନ୍ତି ଜଣାଇବେ କି ?

----

## ସପ୍ତମ ବେତନ କମିଶନ ଅନୁସାରେ ବେତନ ପ୍ରଦାନ

527 **ଶ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ (ଯଶୀପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ 2018 ମସିହା ଅନୁଦାନ ପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀମାନଙ୍କ ପାଇଁ ସପ୍ତମ ବେତନ କମିଶନ ଅନୁସାରେ ବେତନ ଲାଗୁ କରିବାର କୌଣସି ଯୋଜନା ରାଜ୍ୟ ସରକାରଙ୍କର ରହିଛି କି, ଯଦି ଅଛି ତା ହେଲେ କେବେଠାରୁ ଲାଗୁ କରିବେ ସେଥିପାଇଁ ଅଧିକ କେତେ ଟଙ୍କା ବରାଦ କରିବାକୁ ପଡିବ ଏବଂ ବ୍ଲକ ଗ୍ରାଣ୍ଟରୁ ପରିବର୍ତ୍ତିତ ହୋଇଥିବା ଅଧ୍ୟାପକ ଓ କର୍ମଚାରୀ ମାନଙ୍କ ପାଇଁ ଚାକିରୀ ସର୍ତ୍ତାବଳୀ ଲାଗୁ କରିବାର ସରକାରଙ୍କ ଯୋଜନା ଅଛି କି ଯଦି ଲାଗୁ ହୁଏ କେତେ ହୀତାଧିକାରୀ ସାରା ରାଜ୍ୟରେ ଉପକୃତ ହେବେ ?

----

## Present Industrial Policy

528 **Dr. Pradeep Kumar Panigrahy (Gopalpur):**

Will the Minister for **Industries** be pleased to state that:-:- What is present Industrial Policy of state whether policy address green technology to prevent environment degradation, if so detail state name to different industry of all district which are not polluting air, soil surface and ground water, what are steps taken to operate industrial estate of Ankuli, Haladiapadar and status of Gopalpur Steel Project ?

----

### Number of agribased industries

529 **Dr. Pradeep Kumar Panigrahy (Gopalpur):**

Will the Minister for **Agriculture And Farmers' Empowerment** be pleased to state that:-:- How many agri-based industries in Odisha and what is its shape of economy and how it contributes towards the growth of our State ?

----

### Education Policy

530 **Dr. Pradeep Kumar Panigrahy (Gopalpur):**

Will the Minister for **School and Mass Education** be pleased to state that:-:- Education Policy of state with Delhi Government and Kerala Government education policy and what steps are planned by Department for further improvement of quality in education ?

----

### କ୍ଷୀର, ଅଣ୍ଡା ଇତ୍ୟାଦି ଉତ୍ପାଦନ କ୍ଷେତ୍ରରେ ରାଜ୍ୟକୁ ସ୍ୱାବଲମ୍ବୀ କରିବାକୁ ପଦକ୍ଷେପ

531 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଙ୍କୀ ନିର୍ବାଚନମଣ୍ଡଳୀରେ ଗାଈ, ଛେଳି, ମେଣ୍ଢା, କୁକୁଡା ଓ ବତକ ଇତ୍ୟାଦି ଚାଷ ପାଇଁ କେତେଜଣ ହିତାଧିକାରୀ ସରକାରୀ ଯୋଜନାର ସାହାଯ୍ୟ ଉପଲବ୍ଧ ହୋଇଛନ୍ତି ଏବଂ କେତେ ଟଙ୍କା ଋଣ ଆକାରରେ କେଉଁ କେଉଁ ବ୍ୟାଙ୍କରୁ ନେଇଛନ୍ତି ଏହି ଯୋଜନାର ବ୍ୟାପକ ପ୍ରଚାର ଓ ପ୍ରସାର ମାଧ୍ୟମରେ ବେକାର ଶିକ୍ଷିତ ଯୁବକ, ଯୁବତୀ ମାନଙ୍କୁ ଅବଗତ କରାଗଲେ କ୍ଷୀର, ଅଣ୍ଡା ଓ ମାଂସ ଇତ୍ୟାଦିର ଆବଶ୍ୟକତା ପାଇଁ ରାଜ୍ୟ ସ୍ୱାବଲମ୍ବୀ ହେବା ସଙ୍ଗେ ସଙ୍ଗେ ବେକାର ସମସ୍ୟା ସମାଧାନ ହୋଇ ପାରିବ ନାହିଁ କି ?

----

### ଶିକ୍ଷକ ନିଯୁକ୍ତି

532 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଙ୍କୀ ନିର୍ବଚନମଣ୍ଡଳୀର ଅଧିକାଂଶ ପ୍ରାଇମେରୀ ସ୍କୁଲ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ High School ମାନଙ୍କରେ ଆବଶ୍ୟକ ପଡୁଥିବା ଶିକ୍ଷକ ନଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା କାରଣରୁ ଖାଲି ପଡିଥିବା ଶିକ୍ଷକ ଓ ଅଣ ଶିକ୍ଷକ ପଦବୀ ଗୁଡିକ ପୁରଣ କରିବା ଦିଗରେ ପଦକ୍ଷେପ ନେବେ କି ?

----

## "ମୋ ପୋଖରୀ" ଯୋଜନାର ସଫଳ ରୂପାୟନ

533 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଆବଶ୍ୟକ ପଡୁଥିବା ମାଛ ପାଇଁ ପଡୋଶୀ ରାଜ୍ୟ ଉପରେ ନିର୍ଭର କରିବା ଦୃଷ୍ଟିରୁ ରାଜ୍ୟକୁ ମାଛର ଆବଶ୍ୟକତା ପୁରଣ ପାଇଁ ଏବଂ ଆତ୍ମନିର୍ଭରଶୀଳ ହେବାପାଇଁ ସରକାର କି କି ପଦକ୍ଷେପ ନେଇଛନ୍ତି ଗ୍ରାମ ମାନଙ୍କରେ ଥିବା ପୋଖରୀ ମାନଙ୍କରେ ମୋ ପୋଖରୀ ଯୋଜନାରେ ଅଦ୍ୟାବଧି ବାଙ୍କୀ ନିର୍ବାଚନମଣ୍ଡଳୀରେ କେତେଜଣ ହିତାଧିକାରୀ ସରକାରୀ ଯୋଜନାର ସାହାଜ୍ୟ ଉପଲବ୍ଧ ହୋଇଛନ୍ତି ବ୍ୟାପକ ପ୍ରଚାର ଓ ପ୍ରସାର ମାଧ୍ୟମରେ ଜନସାଧାରଣଙ୍କୁ ଏ ଦିଗରେ ଅବଗତ କରାଇ ଏହି ଯୋଜନାର ସଫଳ ରୁପାୟନ କରିବା ଦିଗରେ ପଦକ୍ଷେପ ନେବେ କି ?

----

## Guide Line ଅବଲମ୍ବନ କରିବାକୁ ପଦକ୍ଷେପ

534 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେଉଁସବୁ ଦିଗକୁ ବିଚାର କରି ସ୍କୁଲ ଗୁଡିକୁ ବନ୍ଦ କରିବା ପାଇଁ ସରକାର ନିଷ୍ପତ୍ତି ନେଉଛନ୍ତି KBK ଜିଲ୍ଲା ଗୁଡିକରେ ସ୍କୁଲ ଗୁଡିକୁ ଉଠାଇବା ପାଇଁ ସମାନ Guide Line ଅବଲମ୍ବନ କରିଛନ୍ତି କି ଜଣାଇବେ କି ?

----

## Side ଖୋଲିବା ପାଇଁ ପଦକ୍ଷେପ

535 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଚଳିତ ବର୍ଷ କଳାହାଣ୍ଡି ଜିଲ୍ଲାରେ ଧାର୍ଯ୍ୟ ଲକ୍ଷ୍ୟ ତୁଳନାରେ କେଉଁ ବ୍ଲକରୁ କେତେ ଧାନ କ୍ରୟ କରାଯାଇଛି ଏବଂ କେତେ ଚାଷୀ ଧାନ ବିକ୍ରି କରି ନ ପାରି ଅଭାବୀ ଧାନ ବିକ୍ରିର ସମ୍ମୁଖୀନ ହୋଇଛନ୍ତି, ସବିଶେଷ ତଥ୍ୟ ଦେବେ କି, (ଖ) Ration Card ରୁ ବଞ୍ଚିତ ପରିବାର ଏବଂ ଆଧାର ସଂଯୋଗ ଅପେକ୍ଷାରେ ଥିବା ପରିବାର Side ଖୋଲୁନଥିବାରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତେଣୁ ଯଥାଶୀଘ୍ର ସରକାର Side ଖୋଲିବାର ବିହିତ ପଦକ୍ଷେପ ଗ୍ରହଣ କରିବେ କି ?

----

## ଗଣ ଶିକ୍ଷକଙ୍କୁ ରେଗୁଲାର କରିବାକୁ ପଦକ୍ଷେପ

536 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- RESOLUTION NO- 14467 SME DATED. 25.07.2016 ଏବଂ MODALITY NO. 25290, Dtd.22.02.2016 ମୁତାବକ +2 ସିଟି କିମ୍ବା ବିଇଡି ଯୋଗ୍ୟତା ଥାଇ ୪ ବର୍ଷ ଶିକ୍ଷକତା କରିଥିବା ଗଣ ଶିକ୍ଷକ ମାନଙ୍କୁ ରେଗୁଲାର କରିବା ପାଇଁ ନିର୍ଦ୍ଦେଶ ରହିଅଛି, ସମାନ ଯୋଗ୍ୟତା ଥାଇ 18414 ଜଣ ରେଗୁଲାର ହେଉଥିବା ସ୍ଥଳେ କେତେ ଜଣ ରେଗୁଲାର ହୋଇପାରିନାହାଁନ୍ତି ଏବଂ ତାର କାରଣ କଣ, ସମାନ କାମକୁ ସମାନ ଦରମା ସରକାର କହୁଥିବା ସ୍ଥଳେ ରେଗୁଲାର ଗଣ ଶିକ୍ଷକ ମାନଙ୍କୁ ମାସିକ 30,000 ଟଙ୍କାରୁ ଉର୍ଦ୍ଧ୍ୱ ଦରମା ଦେଉଥିବା ସ୍ଥଳେ ସରକାରଙ୍କ ଅବହେଳାରୁ ରେଗୁଲାର ନ ହୋଇଥିବା ଗଣ ଶିକ୍ଷକ ମାନଙ୍କୁ 7000/- ବେତନ ଦେବା କେଉଁ ନିୟମରେ ଆସୁଛି ଜଣାଇବେ କି ?

----

## ଶିଳ୍ପାଞ୍ଚଳରେ ଜାଗା ଆଲଟମେଣ୍ଟ

537 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ଖୋର୍ଦ୍ଧା ଏବଂ କଟକ ଜିଲ୍ଲାରେ ଥିବା, କେଉଁ ଶିଳ୍ପାଞ୍ଚଳରେ କେଉଁ କେଉଁ ସାଇଜ ର ଜାଗା ଆଲଟମେଣ୍ଟ ଯୋଗ୍ୟ ଅଛି ଆବେଦନର ହାରାହାରି କେତେ ଦିନ ମଧ୍ୟରେ ଆବେଦନକାରୀ ଜାଗା ପାଇପାରିବେ ବହୁତ ଆବେଦନକାରୀ ଆବଦନ କରି ସରକାରଙ୍କ ଆବଶ୍ୟକ କାଗଜପତ୍ର ପୈଠ କରି ମଧ୍ୟ ଦୀର୍ଘ ଦିନଧରି ଜାଗା ନପାଇବା ସତ୍ୟ କି ଶିଳ୍ପ ପ୍ରତିଷ୍ଠା ମାଧ୍ୟମରେ ବେକାରୀ ଓ ଗରିବ ଦୂରୀକରଣ ପାଇଁ ସରକାର କଣ ସ୍ୱତନ୍ତ୍ର ବ୍ୟବସ୍ଥା ରଖିଛନ୍ତି ଏବଂ ଯୋଜନା ଅଛି ଜଣାଇବେ କି ?

----

## କାର୍ଯ୍ୟରତ ପ୍ରଧାନଶିକ୍ଷକ ସରପଞ୍ଚ ପଦବୀ ପାଇଁ ପ୍ରତିଦ୍ୱନ୍ଦିତା

538 **ଶ୍ରୀ ସୁକାନ୍ତ କୁମାର ନାୟକ (ନିଳଗିରି ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ମୟୁରଭଞ୍ଜ ଜିଲ୍ଲାର କପ୍ତିପଦା ବ୍ଲକ୍ ଅନ୍ତର୍ଗତ ହଦଗୋଠ ପ୍ରାଇମେରୀ ସ୍କୁଲରେ କାର୍ଯ୍ୟରତ ପ୍ରଧାନଶିକ୍ଷକ ବାଲେଶ୍ୱର ଜିଲ୍ଲାର ନିଳଗିରୀ ବ୍ଲକର ରାଧାକିଶୋରପୁର ପଞ୍ଚାୟତରେ ଚଳିତ ନିର୍ବାଚନରେ ସରପଞ୍ଚ ପଦବୀ ପାଇଁ ପ୍ରତିଦ୍ୱନ୍ଦିତା କରିବା ସତ୍ୟ କି, ଯଦି ହଁ ସରକାର ଏ ବାବଦରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ?

----

## DIC ମାଧ୍ୟମରେ ଋଣ ପ୍ରଦାନ

539 **ଶ୍ରୀ ପିତମ୍ ପାଢୀ (ପଟାଙ୍ଗୀ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କୋରାପୁଟ ଜିଲ୍ଲାରେ DIC ମାଧ୍ୟମରେ କେଉଁ ବ୍ଲକରେ କେତେଜଣ ଲୋକଙ୍କୁ ଋଣ ପ୍ରଦାନ କରାଯାଇଛି ଏବଂ ସେମାନଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ଼ କରାଯାଇଛି କେଉଁ ବ୍ଲକରେ କେତୋଟି ପ୍ରକଳ୍ପ କର୍ଯ୍ୟକାରୀ କରାଯାଇଛି ତାହାର ବିବରଣୀ ପ୍ରଦାନ କରିବେ କି ?

----

## କିଣାଯାଇଥିବା ଧାନର ପରିମାଣ

540 **ଶ୍ରୀ ଅରବିନ୍ଦ ଢାଲୀ (ଜୟଦେବ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପ୍ରତାପରୁଦ୍ରପୁର ଗ୍ରାମ ପଞ୍ଚାୟତ ପ୍ରାଥମିକ କୃଷି ସେବା ସମବାୟ କେଉଁ କେଉଁ ଚାଷିମାନଙ୍କଠାରୁ କେତେ ପରିମାଣ ଧାନ କିଣାଯାଇଛି, ନାମ, ଠିକଣା, ଜମି ପରିମାଣ ଇତ୍ୟାଦି ଯୋଗାଇ ଦେବେ କି ?

----